## ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ପାଠ୍ୟକ୍ରମ ଆରମ୍ଭ

ନନ୍ଦପୁର, ୩।୮ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ପାଡୁଆ ଉଚ୍ଚ ବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହୋଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷଠାରୁ ଏଠାରେ ଯୁକ୍ତ ୨ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହାଦ୍ୱାରା ନନ୍ଦପୁର ବ୍ଲକର ୧୦ଟି ପଞ୍ଚାୟତର ଛାତ୍ରୀଛାତ୍ରମାନେ ଉପକୃତ ହେବେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଯୁକ୍ତ ୨ ପାଠ୍ୟକ୍ରମରେ କଳା ବିଭାଗରେ ୧୨୮ଟି ସିଟ୍‌ରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବେ। ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏନେଇ ଆୟୋଜିତ ଏକ ଉତ୍ସବରେ ନାମ ଲେଖାଇଥିବା ୧୧୮ ଛାତ୍ରୀଛାତ୍ରଙ୍କ ସମେତ +୨ ପାଠ୍ୟକ୍ରମ ପାଇଁ ନିଯୁକ୍ତ ୬ଜଣ ଅତିଥି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୌରୀମଣି ଦାସଙ୍କୁ ଅଧକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଖିଲଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସାବିତ୍ରୀ କାର୍ଲୁଲ, ବିଦ୍ୟାଳୟର ଆଲୁମିନି ଶଶୀ ପଟ୍ଟନାୟକ, ସ୍ଥାନୀୟ ବୁଦ୍ଧିଜୀବି ଏସ୍‌କେ ଗଫୁର, ଜଗନ୍ନାଥ ପାଙ୍ଗି, କାମେସ କାମୁଡ଼ି, ପାଡୁଆ ଓ କୁଲାବିର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ବିକ୍ରି ହେଉଛି ଏକ୍ସପାଏରି ଔଷଧ

ରାୟଗଡ଼ା,୩।୮ (ଆଶିଷ ରଞ୍ଜନ ପଣ୍ଡା)


ବିକ୍ରି କରିଥିବା ଏକ୍ସପାଏରି ଔଷଧ।



ଔଷଧ ଦୋକାନ ସମ୍ମୁଖରେ ଲୋକଙ୍କ ଭିଡ।

ଜିଲାର ବିଭିନ୍ନ ଔଷଧ ଦୋକାନରେ ବେଆଇନ ଭାବେ ଅବଧି ଶେଷ ହୋଇଯାଇଥିବା ବା ଏକ୍ସପାଏରି ଔଷଧ ବିକ୍ରି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଡ୍ରଗ୍ସ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ବୁଧବାର ରାତି ପ୍ରାୟ ୮ଟାରେ ରାୟଗଡ଼ା ସହରସ୍ଥିତ କପିଳାସ ହୋଟେଲ ରୋଡ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ନ୍ୟୁକଲୋନିରେ ଥିବା ଔଷଧ ଦୋକାନ 'ଆଦିତ୍ୟ ମେଡିକାଲ ହଲ୍'ରେ ଏକ୍ସପାଏରି ମେଡିସିନ ବିକ୍ରି କରାଯାଉଥିବା ଜଣେ ଯୁବକ ଅଭିଯୋଗ କରିଥିଲେ । ହେଲେ ଔଷଧ ଦୋକାନୀ ଚତୁରତାର ସହ ଯୁବକ ଓ ତାଙ୍କ ସାଥୀଙ୍କୁ କିଛି ଟଙ୍କା ଦେଇ ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଛନ୍ତି। ଏ ବିଷୟରେ ଡ୍ରଗ୍ସ ଇନସ୍ପେକ୍ଟର ବୁଧବାର ରାତିରୁ ଅବଗତ ଥିଲେ ମଧ୍ୟ ଏହାର ସତ୍ୟତା ଉପରେ ଏ ପର୍ଯ୍ୟନ୍ତ କୌଣସି ଯାଞ୍ଚ କରି ନ ଥିବା ଜଣାପଡ଼ିଛି। ଯଦି ଜିଲା ସଦର ମହକୁମାରେ ଏଭଳି ଏକ୍ସପାଏରି ମେଡିସିନ ବିକ୍ରି କରାଯାଉଛି, ତେବେ ଗ୍ରାମାଞ୍ଚଳର ସ୍ଥିତି କ'ଣ ଥିବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଏହାକୁ ରୋକିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

ଘଟଣାରୁ ପ୍ରକାଶ ଯେ, ନ୍ୟୁକଲୋନିସ୍ଥିତ ଆଦିତ୍ୟ ମେଡ଼ିକାଲ ହଲ୍ ନିକଟରେ ଡକ୍ଟର ପ୍ଲାଜା ନାମକ ଏକ ସଂସ୍ଥା ରହିଛି। ଉକ୍ତ ସଂସ୍ଥାରେ ବିଭିନ୍ନ ସରକାରୀ ଡାକ୍ତରୀ ଆସି ରୋଗୀଙ୍କ ଚିକିତ୍ସା କରନ୍ତି । ଜଣେ ଯୁବକଙ୍କ କାନରେ କିଛି ସମସ୍ୟା ଥିବାରୁ ଜୁଲାଇ ୩୧ରେ ଡକ୍ଟର ପ୍ଲାଜାକୁ ଯାଇ ଇଏନ୍‌ଟି ସ୍ପେଶାଲିଷ୍ଟଙ୍କ ନିକଟରେ ଚିକିତ୍ସା କରାଇଥିଲେ। ଉକ୍ତ ଡାକ୍ତର ଜଣକ ଯୁବକଙ୍କୁ ୨ପ୍ରକାର ବଟିକା ଏବଂ ଗୋଟିଏ ଡ୍ରପ୍ ଲେଖିଥିଲେ। ତେଣୁ ସେ ସେଠାରେ ଥିବା ଆଦିତ୍ୟ ମେଡିକାଲ ହଲ୍‌ରେ ପ୍ରେସ୍କିପ୍‌ସନ ଦେଖାଇ ଉକ୍ତ ମେଡ଼ିସିନ ସବୁ କିଣି ନେଇଥିଲେ। ସେ ନେଇଥିବା ମେଡିସିନ ମଧ୍ୟରୁ ଗୁଡ୍‌ସେଫ୍-ଏକ୍ସଏଲ୍ ନାମକ ଔଷଧର ଏକ୍ସପାଏରି ତାରିଖ ଜୁନ ୨୦୨୩ରୁ ଶେଷ ହୋଇଯାଇଥିବା ନେଇ ବୁଧବାର ସନ୍ଧ୍ୟାରେ ଯୁବକ ଜଣକ ମେଡିସିନ ଷ୍ଟୋରକୁ ଆସି ଅଭିଯୋଗ କରିଥିଲେ । ତେବେ ସମ୍ପୃକ୍ତ ଔଷଧ ଦୋକାନୀ ତାଙ୍କୁ ବୁଝାଶୁଝା କରି ପଠାଇ ଦେଇଥିବା ଜଣାପଡ଼ିଛି । ସେଠାରେ ଉପସ୍ଥିତି କେତେଜଣ ଯୁବକ ଏ ନେଇ ଡ୍ରଗ୍ସ ଇନିସ୍ପେକ୍ଟର ପ୍ରିୟ ରଞ୍ଜନ ନାୟକଙ୍କୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ ସେ ତଦନ୍ତ ପାଇଁ ଆସି ନ ଥିବା ଜଣାପଡ଼ିଛି। ଗୁରୁବାର କିଛି ଗଣମାଧ୍ୟମ ପ୍ରତିନିଧି ଘଟଣା ବିଷୟରେ ଡ୍ରଗ୍ସ ଇନ୍‌ସ୍ପେକ୍ଟର ପ୍ରିୟରଞ୍ଜନଙ୍କୁ ପଚାରିବାରୁ ସେ ସନ୍ଧ୍ୟାରେ ଯାଇ ଏହାର ତଦନ୍ତ କରିବେ ଏବଂ ଘଟଣା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଔଷଧର ଏକ୍ସପାଏରି ସମୟ ଶେଷ ହୋଇଥିଲେ ମଧ୍ୟ କିଛିଦିନ ପର୍ଯ୍ୟନ୍ତ ତାହାର ଔଷଧୀୟ କ୍ଷମତା କମ୍ ହୋଇ ନ ଥାଏ ବୋଲି ଡ୍ରଗ୍ସ ଇନସ୍ପେକ୍ଟର କହିଛନ୍ତି । ତେବେ କୌଣସି ଔଷଧ ଏକ୍ସପାଏରି ସମୟର ୩ ମାସ ମଧ୍ୟରେ ସମ୍ପୃକ୍ତ ହୋଲ୍‌ସେଲରକୁ ଫେରାଇ ଦେବା ପାଇଁ ନିୟମାବଳୀ ରହିଥିବା ବେଳେ ଔଷଧ ଦୋକାନୀ ଏହାକୁ ଫେରସ୍ତ ନ କରି ରୋଗୀଙ୍କୁ ବିକ୍ରି କରିବା କେତେଦୂର ଠିକ୍ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସେହିଭଳି ଡକ୍ଟର ପ୍ଲାଜା କ୍ଲିନିକରେ ଯଦି କୌଣସି ରୋଗୀ ଚିକିତ୍ସିତ ହୁଅନ୍ତି ଆଉ ସେମାନେ ଆଦିତ୍ୟ ମେଡ଼ିକାଲ ହଲ୍‌ରୁ ଔଷଧ ନ କିଣନ୍ତି ତେବେ ଉକ୍ତ ଦୋକାନରେ ୧୦୦ ଟଙ୍କା ଦେବାକୁ ପଡିଥାଏ । ଜିଲା ସଦର ମହକୁମାରେ ଏହିଭଳି ଅବ୍ୟବସ୍ଥା ଚାଲିଥିଲେ ମଧ୍ୟ ସେଠାରେ ସରକାରୀ ଡାକ୍ତରମାନେ ଆସି ରୋଗୀ ଚିକିତ୍ସା କରୁଛନ୍ତି । ହେଲେ ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଡ୍ରଗ୍ସ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ । ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହିଭଳି ବେଆଇନ କାର୍ଯ୍ୟକୁ ରୋକିବାକୁ ସାଧାରଣରେ ଦାବି ହୋଇଛି।

**ସ୍ଥାଣୁ ପାଲଟିଛି ଡ୍ରଗ୍ସ ବିଭାଗ**

## ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ



ଜୟପୁର,୩।୮ (ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ଛାତ୍ର ଅଭିଭାବକ ମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଯଜ୍ଞେଶ୍ୱର ପଣ୍ଡା, ଭଗବାନ ସାବତ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ଅଭିଭାବକଙ୍କ ସହଭାଗିତା, ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ, ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥାନ,ବିଦ୍ୟାଳୟର ସ୍ୱଚ୍ଛ ପରିବେଶ, ବିଦ୍ୟାଳୟର ବାର୍ଷିକ ପରୀକ୍ଷାରେ ଛାତ୍ର ସଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଭିଭାବକମାନେ ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରଶ୍ମିତା ନାହାକ, ପପିତା ପ୍ରଧାନ, ସୁବର୍ଣ୍ଣ କୁମାରୀ ଖିଲ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ନରେଶ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଉମ୍ମସରା ଯୁକ୍ତ ୨ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗୁଣପୁର,୩।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଉମ୍ମସରା ଯୁକ୍ତ ୨ ଜାତୀୟ ମହାବିଦ୍ୟାଳୟ ପରିସରରେ ବୁଧବାର ପ୍ରବେଶ ଉତ୍ସବ ସହ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିଦ୍ୟାଧର ନାହାକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ଅଧ୍ୟାପକ ଡ. ପ୍ରଶାନ୍ତ ହୋତା ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଶେଷଶାୟୀ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭାସ୍କର ସାମନ୍ତରାୟ ଓ ସହଦେବ ମଲ୍ଲିଫୁଲ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ପ୍ରବେଶ ଉତ୍ସବ ଆୟୋଜିତ ହୋଇଥିଲା। ଅଧକ୍ଷ ନାହାକ ମହାବିଦ୍ୟାଳୟର ସଫଳତାର ସଂକ୍ଷିପ୍ତ ଇତିହାସ ଯଥା ଆରମ୍ଭ, ବିଦ୍ୟାର୍ଥୀ ସଂଖ୍ୟାର ଅଭିବୃଦ୍ଧି, ପାସ ହାରର ଅଭିବୃଦ୍ଧି, ଆଗାମୀ ଯୋଜନା ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ଶେଷଶାୟୀ ସେନାପତି ଶିକ୍ଷାର୍ଥୀଙ୍କ ଉପସ୍ଥାନ, ପରୀକ୍ଷା ପଦ୍ଧତି, ନୈତିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ହୋତା ଅନୁଷ୍ଠାନର ଶୃଙ୍ଖଳା, ରାଗିଂ, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା, ସରକାରଙ୍କ ମେଧାବୃତ୍ତି ଯୋଜନା ଉପରେ ଆଲୋଚନା କରିଥିଲେ। ସନ୍ତୋଷ ହୋତା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା, କ୍ୟାରିୟର କାଉନସେଲିଂ ଉପରେ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ସେହିପରି ଭାସ୍କର ସାମନ୍ତରା ଯୋଗର ଆଶ୍ୟକତା, ଆତ୍ମସୁରକ୍ଷା ଶିବିର, କ୍ରୀଡ଼ା ପ୍ରତିଯୋଗିତା, ବାର୍ଷିକ ଉତ୍ସବ ଉପରେ ଆଲୋକପାତ କରିଥିଲେ। ଶେଷରେ ନିଖିଲାଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗୁଡ଼ାରି –ଚନ୍ଦ୍ରପୁରକୁ ଯୋଗାଯୋଗ ବିଚ୍ଛିନ୍ନ

ଗୁଡ଼ାରି,୩।୮ (ପ୍ରମୋଦ କୁମାର ପତି)

ଲଗାଣ ବର୍ଷା ଯୋଗୁ ଗୁଡ଼ାରି ବ୍ଲକର ସିରିଗୁଡା ଗାଁ ନିକଟରେ ଥିବା ବଡ଼ନାଳ ପୋଲ ଭାଙ୍ଗିଯାଇଛି। ଫଳରେ ଗୁଡ଼ାରି ଓ ଚନ୍ଦ୍ରପୁରକୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି । ଏହାବ୍ୟତୀତ ସିରିଗୁଡା ଗ୍ରାମ ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗାଁ ମଧ୍ୟ ସିରିଗୁଡା ଓ ଗୁଡ଼ାରି ସହ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଅପରାହ୍ନରେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ନାଳର ପାଣି କମିବା ପରେ ବାଲି ବସ୍ତା, ମାଟି ଓ ପଥର ପକାଇ ପାଦରେ ଚାଲି ଯିବା ପାଇଁ ରାସ୍ତା ନିର୍ମାଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ଏହାବ୍ୟତୀତ ସିରିଗୁଡାରୁ ଗାଜିଗୁଡ଼ା ସଂଯୋଗ କରୁଥିବା ରାସ୍ତାର ଖୁବ୍ ଶୀଘ୍ର ମରାମତି କରି ଗାଡି ଚଳାଚଳ ସ୍ୱାଭାବିକ କରିବା ପାଇଁ କହିଥିଲେ। ଗୁଣପୁର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ପୋଲ ଉପରେ ଚଳାଚଳକୁ ସମ୍ପୂର୍ଣ୍ଣ ମନା କରିବା ସହ ସେଠାରେ ପୋଲିସ ମୁତୟନ କରାଯାଇଛି। ଘଟଣାସ୍ଥଳରେ ବିଡିଓ ଅନୀଶା ଦାସ, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା, ସନ୍ତୋଷ ମହାନ୍ତି, କେଦାର ସାହୁ, ଏମ ପ୍ରସାଦ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ଅନ୍ୟପକ୍ଷେ ବଡ଼ନାଳ ପୋଲ ଭାଙ୍ଗିବା ଯୋଗୁ ନାଳ ଆରପଟେ ରହୁଥିବା ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗାଁର ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହିବା ଆଶଙ୍କା ରହିଛି। ଉକ୍ତ ଗାଁରେ ରାମନଗରରେ ଏକ ଆବାସିକ ବିଦ୍ୟାଳୟ ଥିବାବେଳେ ବହୁ ବିଦ୍ୟାଳୟ ମଧ୍ୟ ରହିଛି।


ବିଧାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ ଅନଶନ ଧର୍ମଘଟ


ଧର୍ମଘଟରେ ସାମିଲ ଥିବା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ।

ରାୟଗଡ଼ା,୩।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରର ସିରିଗୁଡାସ୍ଥିତ ଟାଟା ପାୱାର ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିଃ. (ଟିପିଏସ୍‌ଓଡିଏଲ୍) ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ପରିସରରେ ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ ପକ୍ଷରୁ ଦିଆଯାଇଥିବା ଧାରଣା ଗୁରୁବାଠାରୁ ରିଲେ ଅନଶନ ଧର୍ମଘଟରେ ପରିଣତ ହୋଇଛି । ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସଂଘ ମଣ୍ଡଳ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଗତ ୩୧ ତାରିଖରୁ ସଂଘର ଶତାଧିକ କର୍ମଚାରୀ ଧାରଣା ଦେଇଥିଲେ। ଗୁରୁବାରଠାରୁ ରିଲେ ଅନଶନ ଧର୍ମଘଟ ଆରମ୍ଭ ହୋଇଥିବା ନେଇ ମଣ୍ଡଳ ସମ୍ପାଦକ ମହାପାତ୍ର କହିଛନ୍ତି। ଲାଇନମ୍ୟାନ 'ସି' ଓ 'ବି'ଙ୍କ ସ୍ଥଗିତ ବଦଳି ଆଦେଶ ସଂଖ୍ୟା ୯୮୨/୨୦୨୩–୨୪/୧୭/୫/୨୩କୁ ଉଚ୍ଛେଦ କରିବା, ଟିପିଏସ୍‌ଓଡିଏଲ୍ ପରିଚାଳନା ଦାୟିତ୍ୱ ନେବା ପୂର୍ବରୁ ନିର୍ବାହୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପଦୋନ୍ନତି, ବଦଳି, ଅନ୍ୟାନ୍ୟ ଦାୟିତ୍ୱ ଯାହା ଥିଲା ତାହାକୁ ବଳବତ୍ତର ରଖିବା ଭଳି ଦାବି ପୂରଣ ନ ହେବା ଯାଏଁ ଧର୍ମଘଟରୁ ଓହରିବୁ ନାହିଁ ବୋଲି କହିଛନ୍ତି । ଏହି ଧର୍ମଘଟରେ ରାୟଗଡା ଡିଭିଜନାଲ ସମ୍ପାଦକ ଏନ୍.ମନୋଜ ରାଓ, ଉପଦେଷ୍ଟା ବିଜୟ କୁମାର ରାଉଳ, କେନ୍ଦ୍ର କାର୍ଯ୍ୟକାରୀ ସଭ୍ୟ ଉପେନ୍ଦ୍ର ମହାପାତ୍ର, ସରୋଜ କୁମାର ଗୌଡ଼, ସହ ସମ୍ପାଦକ ଡି.ଭି.ଏସ. ପ୍ରସାଦ, ସଂଗଠନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାଲିକ ଓ ଅନ୍ୟାନ୍ୟ ଡିଭିଜନାଲ କର୍ମକର୍ତ୍ତା ପ୍ରମୁଖ ଧର୍ମଘଟରେ ସାମିଲ ହୋଇଛନ୍ତି ।

## ଜଙ୍ଗଲ ଜମିପଟ୍ଟା ହିତାଧିକାରୀଙ୍କ ମଣ୍ଡିକାର୍ଡ ପଞ୍ଜୀକରଣ ଦାବି

ମାଲକାନଗିରି,୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବହୁ ଆଦିବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ସରକାର ପ୍ରଦାନ କରିଥିବା ବେଳେ କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଆଦିବାସୀ ଚାଷୀ ଯେଉଁମାନେ ଏହି ଜମିରେ ଚାଷ କରୁଛନ୍ତି, ସେମାନଙ୍କ ଜଙ୍ଗଲ ଜମିପଟ୍ଟା ନବୀକରଣ କରାଯାଇ ନ ଥିବାରୁ ମଣ୍ଡିରେ ଧାନ ବିକ୍ରିପାଇଁ ପଞ୍ଜୀକରଣ କରିବାକୁ ସମବାୟ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରିଛନ୍ତି। ଜିଲାରେ ଯେଉଁମାନଙ୍କୁ ଜଙ୍ଗଲ ଜମିପଟ୍ଟା ଦିଆଯାଇଛି, ସମସ୍ତ ହିତାଧିକାର ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ପଞ୍ଜୀକରଣ ସହ ଅନୁମତି ଦେବାକୁ ବୁଧବାର ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି। କୃଷକଙ୍କ ପାଇଁ ଆସୁଥିବା ସମସ୍ତ ସରକାରୀ ଯୋଜନାରୁ ଆଦିବାସୀ ବଞ୍ଚିତ ହେଉଥିବା ଅଭିଯୋଗ କରି ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ।

## ସହାୟତା ରାଶି ଚେକ୍ ପ୍ରଦାନ କଲା ଜିଲା ପ୍ରଶାସନ

ରାୟଗଡ଼ା,୩।୮ (ଆଶିଷ ରଞ୍ଜନ ପଣ୍ଡା)

**ଉପରସାଜା କଲଭର୍ଟ ଭୁଶୁଡ଼ି ୫ ମୃତ୍ୟୁ ଘଟଣା**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପଞ୍ଚାୟତ ଅନ୍ତର୍ଗତ ଉପରସାଜା ଗ୍ରାମରେ ନିର୍ମାଣଧିନ କଲଭର୍ଟ ଭୁଶୁଡ଼ି ୪ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୃତକଙ୍କ ପରିବାର ପାଇଁ ଘୋଷଣା କରାଯାଇଥିବା ସହାୟତା ରାଶି ଗୁରୁବାର ପ୍ରଦାନ କରାଯାଇଛି । ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲାପାଳ ସ୍ୱାଧାଦେବ ସିଂ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାଶ ଉପରସାଜା ଗାଁକୁ ଯାଇ ୪ ଲକ୍ଷ ଟଙ୍କ ଲେଖାଏଁ ଚେକ୍ ପ୍ରଦାନ କରିଛନ୍ତି ।


ମନ୍ତ୍ରୀ ଜଗନ୍ନାଥ ସାରକା ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

## କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ



ଟିକିରି, ୩।୮ (ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶିପୁର ବ୍ଲକରେ ଲଗାଣ ବର୍ଷା ଯୋଗୁ ବୁଧବାର ଟିକିରିସ୍ଥିତ ଝୋଡିଆ ସାହିରେ ୫ ଜଣ ପରିବାରଙ୍କ ଘର ଭାଙ୍ଗି ଯାଇଥିଲା। ପ୍ରଶାସନ ପକ୍ଷରୁ ଗୁରୁବାର କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ବଣ୍ଟନ କରାଯାଇଛି। ଅଧିକ କ୍ଷତିଗ୍ରସ୍ତ ଥିବା ୨ପରିବାର କସେଇ ଝୋଡିଆ, ଜିରମ ଝୋଡିଆଙ୍କ ସମେତ ଶୋଚନୀୟ ଅବସ୍ଥାରେ ଥିବା ଜଗନାଥ ଝୋଡିଆଙ୍କୁ ପଲିଥିନ ଦେଇଥିଲେ । କାଶୀପୁର ତସିଲଦାର ବିଶ୍ୱବିସ୍ତୃତ ତ୍ରିପାଠିଙ୍କ ନିର୍ଦ୍ଦେଶକ୍ରମେ ଟିକିରି ଆରଆଇ ବନମାଳୀ ସାହୁ, ଏଆରଆଇ ଉମେଶ ବିଡିକା ଓ ରାଜସ୍ୱ କର୍ମଚାରୀ ରାଧାକାନ୍ତ ନାୟକ ତଦନ୍ତ କରି ବିସ୍ଥାପିତଙ୍କୁ ଟିକିରି ରାଜସ୍ୱ ବଙ୍ଗଳାରେ ପଲିଥିନ ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଇନ୍ଦିରା ଆବାସ ଘର ଯୋଗେଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନେଇ ବୈଠକ

ରାୟଗଡା,୩।୮ (ଭାଗ୍ୟଶ୍ରୀ ମିଶ୍ର)

**ଦାବି ପୂରଣ ନ ହେଲେ ସମୂହ ଛୁଟିରେ ରହିବେ ଶିକ୍ଷକ**

ରାୟଗଡ଼ା ଜିଲାର ସବୁ ବର୍ଗର ପ୍ରାଥମିକ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ବୁଧବାର ଭର୍ଚୁଆଲ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ରାଜ୍ୟ ସଂଘ ଓ ବିଭିନ୍ନ ବର୍ଗର ରାଜ୍ୟ ଶିକ୍ଷକ ସଂଘର ମିଳିତ ନିଷ୍ପତ୍ତି ଅନୁଯାୟୀ ଜିଲାର ସମସ୍ତ ବ୍ଲକର ଶୀର୍ଷ ଶିକ୍ଷକ ନେତୃବୃନ୍ଦ ଗୁଗଲ–ଲିଙ୍କ୍ ମାଧ୍ୟମରେ ଯୋଗଦେଇଥିଲେ। ରାୟଗଡ଼ା ଜିଲା ଶାଖା ସଭାପତି ଅଜିତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶିକ୍ଷକଙ୍କ ଦୀର୍ଘଦିନରୁ ହୋଇ ଆସୁଥିବା ୩ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ଆଗାମୀ ୫ ତାରିଖରେ ବ୍ଲକସ୍ତରରେ ଏବଂ ଅଗଷ୍ଟ ୧୧ ତାରିଖରେ ଜିଲାସ୍ତରରେ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସମସ୍ତ ବର୍ଗର ଶିକ୍ଷକମାନେ ସମୂହ ଛୁଟିରେ ରହିବା ସହିତ ବ୍ଲକସ୍ତରରୁ ଆନ୍ଦୋଳନ ଆରମ୍ଭ କରାଯିବା ପାଇଁ ସ୍ଥିର ହୋଇଛି।

ବୈଠକରେ ଜିଲା ସମ୍ପାଦକ ନୀଳାଞ୍ଚଳ ମିଶ୍ର, ରାଜ୍ୟ ଉପସଭାପତି ନରେଶ ସିଂ, ରାଜ୍ୟ ଆଞ୍ଚଳିକ ସମ୍ପାଦକ ଦୀପକ ରାଉତ ତଥା ଏନ୍‌ପିଏସ୍, ଏକ୍ସ କ୍ୟାଡର, ଓପିଏସ, ଏମ୍‌ଏଲ୍‌ଇ, କନିଷ୍ଠ ଶିକ୍ଷକ ଆଦି ସମସ୍ତ ବର୍ଗର ସଂଗଠନର ଆଦିତ୍ୟ ନାରାୟଣ ସାହୁ, ସୁନୀଲ କୁମାର ପ୍ରଧାନ, ପ୍ରମୋଦ କୁମାର ପଣ୍ଡା, ଦୀପକ କୁମାର ସାହୁ, ସୋମନାଥ ଗରଡା, ତାଉଦୁ କଣ୍ଡାଗୋରି, ମହେନ୍ଦ୍ର ବାଗ, ସଦାନନ୍ଦ ନାୟକ, ଅକ୍ଷୟ ରଥ, ଲକ୍ଷ୍ମଣ ସାହୁ, ରମାକାନ୍ତ ବିରଦଲେଇ, ଶିବରାମ କାଡ୍ରାକା, ନିରାକାର ସାହୁ, ରାଜେନ୍ଦ୍ର ଗାଜିବିଲି, ଦୀପକ ସାହୁ ଓ ସୁରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଆବାହକ ନୀଳାଚଳ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ ।



# ବିପଦସଙ୍କୁଳ ଅବସ୍ଥାରେ ସଦର ମହକୁମା ଫ୍ଲାଏଓଭର

ରାୟଗଡ଼ା,୩।୮ (ଆଶିଷ ରଞ୍ଜନ ପଣ୍ଡା)

- ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି
- ସାଇଡ୍ ୱାଲ, ଛାତ ଦୁର୍ବଳ
- ପ୍ରସ୍ତାବରେ ସୀମିତ ନୂତନ ଫ୍ଲାଏଓଭର ନିର୍ମାଣ

ଜିଲା ସଦର ମହକୁମାର ମୁଖ୍ୟ ସଂଯୋଗପଥ ପାଲଟିଥିବା ଫ୍ଲାଏଓଭର ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାର ମରାମତି କରାଯାଉ ନାହିଁ କି ନୂତନ ପୋଲ ନିର୍ମାଣ ହେଉନାହିଁ । ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଫ୍ଲାଏଓଭର କେତେବେଳେ ଯେ ଭୁଶୁଡିପଡ଼ିବ ତାହା କହିହେବ ନାହିଁ। ଅନ୍ୟପକ୍ଷରେ ବାଇପାସ୍‌ର ଯେଉଁ ରାସ୍ତା ଦେଇ ତୃତୀୟ ରେଳଧାରଣା ଯିବ ସେଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୫୫ କୋଟି ଟଙ୍କା ବ୍ୟୟରେ ନୂତନ ଫ୍ଲାଏଓଭର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ହେଲେ ତାହା ପ୍ରସ୍ତାବରେ ସୀମିତ ରହିଯାଇଛି। ପୁରୁଣା ଫ୍ଲାଏଓଭର ଯେକୌଣସି ସମୟରେ ଭୁଶୁଡ଼ିବା ସ୍ଥିତିରେ ଥିବାବେଳେ ନୂତନ ଫ୍ଲାଏଓଭର ନିର୍ମାଣ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୂର୍ବରୁ ରେଳଧାରଣା ଦେଇ ଯାତାୟାତ କରିବାକୁ ପଡୁଥିବାରୁ ବହୁ ଦୁର୍ଘଟଣା ଘଟୁଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୯୯ ମସିହାରେ ଏହି ଫ୍ଲାଏଓଭର ନିର୍ମାଣ ହୋଇଥିଲା । ହେଲେ ଏଥିରେ ଏବେ ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। ଏହାର କିଛି ପାର୍ଶ୍ୱ ଲୁହା ଏଙ୍ଗଲ ଭରସାରେ ଛିଡ଼ା ହୋଇରହିଛି।

ସୂଚନାଯୋଗ୍ୟ, ୨୦୧୪ ମସିହାରେ ଏହି ଫ୍ଲାଏଓଭର ତଳେ ରହିଥିବା ଏକ ବେଆଇନ ସ୍କ୍ରାପ୍ ଗୋଦାମରେ ନିଆଁ ଲାଗି ଯାଇଥିଲା । ଫଳରେ ଅତ୍ୟଧିକ ଉତ୍ତାପ ଯୋଗୁ ଫ୍ଲାଏଓଭରର ଲୁହାରଡ୍‌ଗୁଡ଼ିକ ବଙ୍କା ହୋଇ ଫାଟ ସୃଷ୍ଟି ହୋଇଥିଲା। ପରେ ଫ୍ଲାଏ ଓଭରରେ ଅନେକ ଛୋଟବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ସହରର ମୁଖ୍ୟ ସଡ଼କପଥ ତଥା ୩୨୬ ନଂ. ଜାତୀୟ ରାଜପଥରେ ରହିଥିବାରୁ ପ୍ରତିଦିନ ହଜାର ସଂଖ୍ୟାରେ ଭାରିଯାନ ଯାତାୟାତ କରୁଛି । ଫ୍ଲାଏଓଭର ବିଭିନ୍ନ କୋଣରେ ଗଛଲତା ବଢୁଥିଲେ ମଧ୍ୟ ଏହାକୁ କଟାଯାଉ ନାହିଁ, କି ଫ୍ଲାଏଓଭରର ରକ୍ଷଣାବେକ୍ଷଣ କରାଯାଉନାହିଁ । ଏହା ନିର୍ମାଣ ହେବା ପରଠାରୁ ପୂର୍ତ୍ତ ବିଭାଗ ଅଧୀନରେ ରହିଥିଲା । ସେତେବେଳେ ମଧ୍ୟ ରକ୍ଷଣାବେକ୍ଷଣ ହେଉ ନ ଥିଲା । ଏବେ ଏହା ଜାତୀୟ ରାଜପଥ ବିଭାଗ ଅଧୀନରେ ରହିଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ହେଉନାହିଁ । ଏଭଳିକି ଜନସାଧାରଣ, ରାଜନେତା, ଜିଲା ପ୍ରଶାସନ ଓ ଖୋଦ୍ ଏମ୍‌ପି ସପ୍ତଗିରି ଉଲାକା ଏହାର ରକ୍ଷଣାବେକ୍ଷଣ ପାଇଁ ଜାତୀୟ ରାଜପଥ ବିଭାଗକୁ କହିଥିଲେ ମଧ୍ୟ କେହି ଖାତିର କରୁ ନ ଥିବା ଅଭିଯୋଗ ହେଉଛି। ତେବେ ଯେକୌଣସି ମୁହୂର୍ତ୍ତରେ ଏହି ଫ୍ଲାଏଓଭର ଭୁଶୁଡି ପଡ଼ି ବାର ସମ୍ଭାବନା ରହିଛି । ଏହା ହେଲେ ନିଶ୍ଚୟ ବହୁ ପରିମାଣରେ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି । ତେଣୁ ଜାତୀୟ ରାଜପଥ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ଜାତୀୟ ରାଜପଥ ବିଭାଗ ସହକାରୀ ଯନ୍ତ୍ରୀ ବିକ୍ରମ ପାଣିଗ୍ରାହୀଙ୍କୁ ଫୋନ ନ ଲାଗିବାରୁ ଯୋଗାଯୋଗ ହୋଇପାରି ନାହିଁ।


ବିପଦସଙ୍କୁଳ ଅବସ୍ଥାରେ ଥିବା ଫ୍ଲାଏ ଓଭର।

# ଲଗାଣବର୍ଷା ୩ ବ୍ଲକରେ ଭାଙ୍ଗିଛି ୨୧ ଘର

## ଜିଲାରେ ବର୍ଷିଛି ୪୬୫.୮ ମି.ମି.

କୋରାପୁଟ,୩।୮ (ଅମିତାଭ ବେହେରା)

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଯୋଗୁ ଜିଲାର ୩ଟି ବ୍ଲକ ଅଞ୍ଚଳରେ ୨୧ଟି ଘର ଭାଙ୍ଗିଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରବଳ ବର୍ଷା ଯୋଗୁ ଜିଲାର ପଟ୍ଟାଙ୍ଗି ତହସିଲର କୋଟିଆ ଓ ଗାଲିଗବଦର ଅଞ୍ଚଳରେ ୧୫ଟି ଘର ଭାଙ୍ଗିଥିବାବେଳେ ଲମତାପୁଟ ବ୍ଲକର ମାଛକୁଣ୍ଡ ତହସିଲ ଅଞ୍ଚଳରେ ୩ଟି ଓ କୋରାପୁଟ ସଦର ତହସିଲ ଅଞ୍ଚଳରେ ୩ଟି କଚ୍ଚାଘର ଭାଙ୍ଗିଥିବା ଜଣାଯାଇଛି। ଏନେଇ ଜିଲା ପ୍ରଶାସନ ନିକଟକୁ ସୂଚନା ଆସିବା ପରେ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ପ୍ରଦାନ କରାଯାଇଛି। ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଓ ଆର୍‌ଆଇମାନଙ୍କୁ ଘର ଭଙ୍ଗା ଜନିତ ବିସ୍ତୃତ ରିପୋର୍ଟ ଓ ଘର ଭଙ୍ଗା ଫଟୋ ଜିଲା ପ୍ରଶାସନ ନିକଟକୁ ପଠାଇବା ପାଇଁ ଜିଲାପାଳ ଅବଦାଲ ଏମ୍. ଅଖତାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରବଳ ବର୍ଷା ଓ ପବନ ଯୋଗୁ ବୁଧବାର ବିଳମ୍ବିତ ରାତିରେ କୋରାପୁଟ-ସୁନାବେଡ଼ାର ୨୬ ନମ୍ବର ଜାତୀୟ ରାଜପଥର ଦୁରୁଗୁଡା ନିକଟରେ କେତେକ ଗଛ ଉପୁଡି ଜାତୀୟ ରାଜପଥରେ ପ୍ରାୟ ଅଧଘଣ୍ଟା ଧରି ଗାଡି ଚଳାଚଳରେ ବାଧା ଉପୁଜିଥିଲା। ଖବର ପାଇ କୋରାପୁଟ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛଗୁଡିକୁ କାଟି ରାସ୍ତା ସଫା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଗୁରୁବାର କୋରାପୁଟ ଜିଲାରେ ୪୬୫.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲାର ଲମତାପୁଟ ବ୍ଲକରେ ସର୍ବାଧିକ ୯୦ ମି.ମି. ବର୍ଷା ହୋଇଥିବାବେଳେ ନନ୍ଦପୁର ବ୍ଲକରେ ୮୬, ସେମିଳିଗୁଡା ୫୪, କୋରାପୁଟ ୪୦.୮, ବୈପାରିଗୁଡା ୩୬, ପଟ୍ଟାଙ୍ଗି ୧୯.୧, ଜୟପୁର ୨୨.୬, କୋଟପାଡ ୨୭, କୁନ୍ଦୁରା ୨୧.୨, ଦଶମନ୍ତପୁର ୨୭, ଲକ୍ଷ୍ମୀପୁର ୧୬.୬, ବୋରିଗୁମ୍ମା ୧୨.୨, ନାରାୟଣପାଟଣା ବ୍ଲକରେ ୭.୪ ମି.ମି. ବର୍ଷା ହୋଇଥିବାବେଳେ ବନ୍ଧୁଗାଁ ବ୍ଲକରେ ସର୍ବନିମ୍ନ ୬ ମି.ମି.ବର୍ଷା ହୋଇଛି।

## ପଟ୍ଟାଙ୍ଗିର ୩ ପଞ୍ଚାୟତର ୧୫ ଘର କ୍ଷତିଗ୍ରସ୍ତ

ପଟ୍ଟାଙ୍ଗି,୩।୮ (ଶରତ ଧଳ)

ରାଜ୍ୟରେ ଲାଗିରହିଥିବା ଲଘୁଚାପଜନିତ ବର୍ଷା ପ୍ରଭାବରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ତିନୋଟି ପଞ୍ଚାୟତ କୋଟିଆ, ନୁଆଁଗା ଓ ପଟ୍ଟାଙ୍ଗି ପଞ୍ଚାୟତର ୯ଜଣ ଗ୍ରାମବାସୀଙ୍କ ଘର କାନ୍ଥ ଭୁଶୁଡି ଘର ଭାଙ୍ଗିଛି। ବ୍ଲକ କାର୍ଯ୍ୟାଳୟଠାରୁ ୧୨କି.ମି. ଦୂରରେ ଥିବା ନୂଆଗାଁ ପଞ୍ଚାୟତ ଗାଲିଗାବଦାର ଗ୍ରାମର ଜୟରାମ ଖରା, ରୁହୁଣୀ ପାଙ୍ଗି, ସସାଇ ପାଙ୍ଗି, ଶିବରାମ ପାଙ୍ଗି, ଗୁରୁଆ ପାଙ୍ଗି,ସାଉଁ ପାଙ୍ଗି,ଆସୁନୁ ମାରି, ନଏ ପାଙ୍ଗି,ପିଲୁକୁ ପାଙ୍ଗି, ଟିକମା ପାଙ୍ଗି ଓ ଶ୍ରୀରାମ ପାଙ୍ଗିଙ୍କ ଘରର କାନ୍ଥ ଭୁଶୁଡିପଡିବା ସହ ଉପର ଛପର ଗୁଡିକ ଉଡିଯାଇଛି। ଫଳରେ ସମ୍ପୃକ୍ତ ପରିବାରଗୁଡିକ ବେସାହାରା ହୋଇଯାଇଛନ୍ତି। ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବହାଦୁର ସିଂ ଧାରୁଆ ଖବର ପାଇ ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କୁ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ନିରୀକ୍ଷକ ନାୟକ ଗ୍ରାମରେ ପହଞ୍ଚି ଲୋକଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। ସେ ଏକ ରିପୋର୍ଟ ତହସିଲଦାର ଧାରୁଆଙ୍କୁ ପ୍ରଦାନ କରିଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟ ନିକଟକୁ ଲାଗି ରହିଥିବା ବିଶ୍ୱନାଥ ଖିଲ୍‌ଙ୍କ ଘର ଭୁଶୁଡି ପଡିଥିବା ବେଳେ କୋଟିଆ ପଞ୍ଚାୟତ ତଳଗଞ୍ଜେଇପଦର ଗ୍ରାମର ଗୋଟିଏ, ପଞ୍ଚାୟତ ସଦର ମହକୁମାର ବାସନ୍ତୀ ହିମେରିକା ଓ ଲିଙ୍ଗା ହିମେରିକାଙ୍କ ଘର ଭାଙ୍ଗିଥିବା ରାଜସ୍ୱ ନିରୀକ୍ଷକ ନାୟକ ସୂଚନାଦେଇଛନ୍ତି। ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଏବଂ ପିଇଓ କଣ୍ଡା ଗୋଲରି କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଫେରିଛନ୍ତି। ଏସମ୍ପର୍କରେ ରାଜସ୍ୱ ନିରୀକ୍ଷକ ନାୟକଙ୍କୁ ପଚାରିବାରୁ ସେ କହିଲେ, ରିପୋର୍ଟ ତହସିଲଦାରଙ୍କୁ ଦେଇଛି। ଆଗକୁ ଜିଲା ଜରୁରୀକାଳୀନ ବିଭାଗରୁ ଯାହା ନିର୍ଦ୍ଦେଶ ଆସିବ ସେହିଅନୁସାରେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ସମସ୍ତ ଆସବାବପତ୍ର ସହ ସଞ୍ଚିତ ଖାଦ୍ୟ ପଦାର୍ଥ ନଷ୍ଟ ହୋଇଯାଇଛି।



କ୍ଷତିଗ୍ରସ୍ତ ଏକ ଘର।

## ସଂକ୍ଷେପରେ

### ନୂତନ ଥାନାଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ବର୍ଦ୍ଧନା



ପଟ୍ଟାଙ୍ଗି,୩।୮ (ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନାରେ ନୂତନ ଥାନାଧିକାରୀ ରୂପେ ଚତୁର୍ଭୁଜ ନାୟକ ଯୋଗଦେଇଛନ୍ତି। ତାଙ୍କୁ ଗୁରୁବାର ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ପଟ୍ଟାଙ୍ଗି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା, ରୋଡ୍ ରୋମିଓ ଏବଂ ଶବ୍ଦ ପ୍ରଦୂଷଣ କରି ବାଇକ୍ ଚଲାଉଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଗଣାମଧ୍ୟମ ପ୍ରତିନିଧିମାନେ ଆଲୋଚନା କରିଥିଲେ। ନାୟକ ପୂର୍ବରୁ କଳାହାଣ୍ଡି ଜିଲା ଆମ୍ପାଣି ଥାନାଧିକାରୀ ଭାବେ ସେଠାରେ କାର୍ଯ୍ୟରତ ଥିଲେ। ଆଇନଶୃଙ୍ଖଳା ରକ୍ଷା ସହ ଅଞ୍ଚଳ ବାସୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ ମୋର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ପ୍ରକାଶ କରି ନାୟକ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଥାନାଧିକାରୀ ନାୟକଙ୍କୁ ସମ୍ବର୍ଦ୍ଧନା ସମୟରେ ଗଣମାଧ୍ୟମ ପ୍ରତିନିଧି ଶଶଧର ରାଉତ, ତ୍ରିନାଥ ଗେମେଲ, ପ୍ରଶାନ୍ତ ଦାସ, ଶ୍ରୀକାନ୍ତ ଚୌଧୁରୀ, ରବିନ୍ଦ୍ର ପଡାଲ, ମେଘା ଗୁଣ୍ଠା, କୃଷ୍ଣ ଗୋଲର,ଶରତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### କଳାକାର ସୋମନାଥଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଜୟପୁର,୩।୮ (ପବନ ପାଣିଗ୍ରାହୀ)

କଳାକାର ସ୍ୱର୍ଗତ ସୋମନାଥ କେଲାଡିଙ୍କ ଉଦ୍ଦେଶ୍ୟରେ କୋରାପୁଟିଆ କଳା ଓ କଳାକାର ଗ୍ରୁପ୍ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱର ଘୁଙ୍ଗୁର ଅନୁଷ୍ଠାନ ପରିସରରେ ହୋଇଥିବା ଏହି ସଭାରେ ଆବାହକ ଧୀରେନ ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପ୍ରଥମେ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଉପସ୍ଥିତ କଳାକାରମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ତାଙ୍କ ଜୀବନୀ ଏବଂ କଳାକାର ଜୀବନ ଉପରେ ସ୍ମୃତିଚାରଣ କରିଥିଲେ। ଏହି ସମୟରେ ବିଜୟ ସାମନ୍ତରାୟ, ଜୟନ୍ତ ସାନ୍ତ୍ରା, ସୁଶାନ୍ତ ଅଧିକାରୀ ମନୋଜ ପାତ୍ର, ଅମର ମିଶ୍ର, ଗୁପ୍ତ ପାଣିଗ୍ରାହୀ,ଜଗେନ୍ଦ୍ର ମହାପାତ୍ର,ସନ୍ତୋଷ ରାଓ, ଉମେଶ ପାଣିଗ୍ରାହୀ, ରଘୁନାଥ ବିଶ୍ୱାଳ, ସତ୍ୟ ମିଶ୍ର, ବାଦଲ ସାନ୍ତ୍ରାପାତ୍ର, ପଞ୍ଚମ ସାମନ୍ତରାୟ, ଅସ୍ମିତା ଷଡ଼ଙ୍ଗୀ, ପ୍ରଜ୍ଞା ପଣ୍ଡା, ଲିପ୍ସା ନାୟକ, ଶ୍ରୀୟା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗଛ ପଡି ଅନକାଡେଲି ୬ଘଣ୍ଟା ଅନ୍ଧାର



କୋରାପୁଟ/ଅନକାଡେଲି, ୩/୮ (ଅମିତାଭ ବେହେରା/ନରସିଂହ ଚୌଧୁରୀ)

କୋରାପୁଟ ଜିଲାରେ ବର୍ତ୍ତମାନ ପ୍ରବଳ ବର୍ଷା ସାଙ୍ଗକୁ ପବନ ବୋହୁଥିବାବେଳେ ଗୁରୁବାର ଅପରାହ୍ନରେ କୋରାପୁଟ ଜିଲା ଲମତାପୁଟ ବ୍ଲକର ଡୁଡୁମା-ଅନକାଡେଲି ରାସ୍ତା ପାର୍ଶ୍ୱରେ ଥିବା ଏକ ବିରାଟ ଗଛ ଉପୁଡି ରାସ୍ତାରେ ପଡିଥିଲା। ଏହାଦ୍ୱାରା ସେଠାରେ ଯାଇଥିବା ବିଦ୍ୟୁତ୍ ତାର ଛିଣ୍ଡିଯାଇଥିଲା। ଫଳରେ ଅନକାଡେଲି ଅଞ୍ଚଳ ଅପରାହ୍ନ ଗୋଟାଏରୁ ରାତି ୭ଟାଯାଏ ୬ ଘଣ୍ଟା ଧରି ଅନ୍ଧାରରେ ରହିଥିଲା।

### ସ୍ୱାଗତ ତୋରଣ କାର୍ଯ୍ୟ ସମୀକ୍ଷାକଲେ ନିର୍ବାହୀ ଅଧିକାରୀ

ଜୟପୁର, ୩।୮ (ପବନ ପାଣିଗ୍ରାହୀ)

ଜୟପୁର ସହର ସତୀନଦୀ ନିକଟରେ ପୌରପାଳିକା ପକ୍ଷରୁ ସ୍ୱାଗତ ତୋରଣ ନିର୍ମାଣ କରାଯାଉଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଗୁରୁବାର ଏହାର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଭୁମିଆ, ଦୁରୁଆ, କୟା, ବଣ୍ଡା ଆଦିବାସୀ ମୂର୍ତ୍ତିରେ ତୋରଣ ନିର୍ମାଣ ହେଉଛି। ନିକଟରେ ଥିବା ଜବରଦଖଲ ମଧ୍ୟ ଉଚ୍ଛେଦ କରାଯିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

# କାମତା ମଣ୍ଡିରେ ଧାନ ବିକ୍ରୟ ବ୍ୟବସ୍ଥା ଦାବି




ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

ଜୟପୁର,୩।୮ (ପବନ ପାଣିଗ୍ରାହୀ)

ବୋରିଗୁମ୍ମା ବ୍ଲକର କାମତା ଗ୍ରାମର ଚାଷୀମାନେ ଗୁରୁବାର ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଚାଷୀମାନଙ୍କ ଜମି କାମତା ନିକଟସ୍ଥ ରେଙ୍ଗାଲିଗୁଡା ଓ ହନ୍ଦଲି ମୌଜାରେ ରହିଛି। ଏହି ଜମିକୁ ଚାଷ କରି ସେମାନେ ଗୁଜୁରାଣ ମେଣ୍ଟାଉଛନ୍ତି। କାମତା ଲ୍ୟାମ୍ପ ଅଧୀନରେ ସେମାନଙ୍କ ମଣ୍ଡି କାର୍ଡ ରହିଛି। ମାତ୍ର କାମତା ଲ୍ୟାମ୍ପ ବର୍ତ୍ତମାନ ଧାନ ବିକ୍ରି ପାଇଁ କାର୍ଡ ପ୍ରଦାନ କରୁନାହାନ୍ତି। କାମତା ଲ୍ୟାମ୍ପ ଆଧାର କାର୍ଡ ଆଧାରରେ ଧାନ ବିକ୍ରୟ ପାଇ ଲାଗି ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଚାଷୀ ସୁଧୀର ଷଡ଼ଙ୍ଗୀ ନେତୃତ୍ୱ ନେଇଥିଲେ।

# ଜିଲା ନୂତନ ଅମଲା ସଂଘ ନାମରେ ହୋଇଥିବା ମାମଲା ହାଇକୋର୍ଟରେ ଖାରଜ

କୋରାପୁଟ/ଜୟପୁର,୩।୮ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲାର ୨୦୧୫ରେ ନିର୍ବାଚିତ କର୍ମକର୍ତ୍ତାଙ୍କ ୨୦୧୮ ରେ କାର୍ଯ୍ୟକାଳ ସରିଥିଲା। ଏହା ପରେ ରାଜ୍ୟ ସଂଘ ପୁରୁଣା କମିଟିକୁ ବାଦ ଦେବା ପରେ ମଧ୍ୟ ପୁରୁଣା କମିଟି ନିର୍ବାଚନ ନ କରି ୨୦୨୨ ପର୍ଯ୍ୟନ୍ତ ନିଜକୁ ଓଡ଼ିଶା ଅମଲା ସଂଘ କର୍ମକର୍ତ୍ତା ବୋଲି ପରିଚୟ ଦେଇ ଆସୁଥିଲେ। ଇତିମଧ୍ୟରେ ସେମାନେ ସଂଘ ବିରୋଧୀ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ରାଜ୍ୟ ଓଡ଼ିଶା ଅମଲା ସଂଘ ସଂଘର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିଥିଲେ। ସେହି ସ୍ଥାନରେ ରାଜ୍ୟ ସଂଘ ଏକ ଅସ୍ଥାୟୀ କମିଟି ଗଠନ କରିଥିଲେ। ତାହାକୁ କେନ୍ଦ୍ର କରି ପୁରୁଣା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରାଜ୍ୟ ସଂଘର ପ୍ରତ୍ୟେକ କାର୍ଯ୍ୟ ଉପରେ ତଦାରଖ କରି ବିଚାରପତି ମଧ୍ୟବର୍ତ୍ତିକାଳୀନ ରାୟ ଦେଇଥିଲେ। ଏଥିରେ ନିର୍ବାଚିତ ସଦସ୍ୟଙ୍କ ବଦଳରେ ଅସ୍ଥାୟୀ କମିଟି ଗଠନ କରିବା ରାଜ୍ୟ ସଂଘର କ୍ଷମତା ନାହିଁ ବୋଲି ବିଚାରପତି ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଇତିମଧ୍ୟରେ ହୋଇଥିବା ନୂତନ ନିର୍ବାଚନ ନେଇ ପୁରୁଣା କମିଟି ପୁଣି ଥରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା। ନୂତନ କମିଟି ବିରୋଧରେ ମକଦ୍ଦମା ଦାଏର କରିଥିଲେ। ଏହି ମକଦ୍ଦମାକୁ ବିଚାରପତି ଖାରଜ କରି ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଭତ୍ତା

## ବାଟମାରଣା ହେଉଥିବା ଦାବିକଲା ଜିଲା ଯୁବ ସଙ୍ଗଠନ

ଜୟପୁର,୩।୮ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଓ ପୌରାଞ୍ଚଳରେ ଥିବା ଯୋଗ୍ୟ ହାତିଧିକାରୀଙ୍କୁ ଭତ୍ତା ଦେବାକୁ କୋରାପୁଟ ଜିଲା ଯୁବ ସଙ୍ଗଠନ ପକ୍ଷରୁ ଜୟପୁର ଉପଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଗୁରୁବାର ଏନେଇ ଏକ ଦାବିପତ୍ର ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ହିତାଧିକାମାନେ ଉପଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକାଙ୍କୁ ପ୍ରଦାନ କରିଛନ୍ତି। ଜୟପୁର ବ୍ଲକ ଓ ପୌରାଞ୍ଚଳରେ ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଆବେଦନ କରି ବର୍ଷ ବର୍ଷ ଅପେକ୍ଷା କରିଥିଲେ ସୁଦ୍ଧା ସେମାନଙ୍କୁ ଭତ୍ତା ମିଳୁନାହିଁ। ଇତି ମଧ୍ୟରେ ଅନେକ ବୃଦ୍ଧା ବୃଦ୍ଧ ଭତ୍ତା ନ ପାଇ ମୃତ୍ୟୁବରଣ କରି ସାରିଲେଣି। ଏଥିସହ ଭତ୍ତା ତାଲିକାରେ ଯେଉଁ ହିତାଧିକାରୀମାନେ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ କୌଣସି ନା କୌଣସି ବାହାନାକରି ପୌର ପରିଷଦ ଓ ପଞ୍ଚାୟତ ଅଧିକାରୀମାନେ କାହାକୁ ୫ ମାସ,କାହାକୁ ୬ ମାସର ଭତ୍ତା ଦେଇନାହାନ୍ତି। ବାରମ୍ବାର ଅଭିଯୋଗ ହେଲେ ସେମାନଙ୍କୁ ମାସେ/୨ ମାସର ଭତ୍ତା ହାତାହାତି ଦେଉଛନ୍ତି। ବଳକା ୩ରୁ ୪ ମାସର ଭତ୍ତା ହିତାଧିକାରୀ ପାଉନାହାନ୍ତି ବୋଲି ଯୁବ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସେମାନଙ୍କର ଉପରୋକ୍ତ ୩/୪ ମାସର ଭତ୍ତା ବାଟମାରଣା ହୋଇଛି। ଏହାର ତଦନ୍ତ କରିବା ଲାଗି କର୍ମକର୍ତ୍ତାମାନେ ଦାବି କରିଛନ୍ତି।

# ଶିଶୁ ସୁରକ୍ଷା ନେଇ କର୍ମଶାଳା

କୋରାପୁଟ,୩।୮ (ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ୩ଦିନିଆ ଶିଶୁ ଅଧିକାର, ପୋସ୍କୋ,ବାଲ୍ୟବିବାହ ଉପରେ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଯୋଗଦେଇ ଶିଶୁ ଅଧିକାର, ପୋସ୍କୋ,ବାଲ୍ୟବିବାହ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଆବାସିକ ବିଦ୍ୟାଳୟ ରହିଛି। କର୍ମଶାଳାରେ ଉପସ୍ଥିତ ଥିବା ସେସବୁ ବିଦ୍ୟାଳୟର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ମାଟ୍ରନଙ୍କୁ ଶିଶୁ ଅଧିକାର, ପୋସ୍କୋ,ବାଲ୍ୟ ବିବାହ କ୍ଷେତ୍ରରେ ରହିଥିବା ଆଇନ ସମ୍ପର୍କରେ ଅବଗତ କରାଯାଇଥିଲା। ବିଭିନ୍ନ ସମୟରେ ଜିଲାରେ ଛାତ୍ରୀଛାତ୍ରମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ପିଲାମାନଙ୍କୁ ବିଦ୍ୟାଳୟ ନ ପଠାଇ କମ୍ ବୟସରେ ଅଭିଭାବକମାନେ ବିବାହ କରାଇ ଦେଉଛନ୍ତି। କମ ବୟସରେ ବିବାହ ହେତୁ ମା ଓ ଶିଶୁମାନଙ୍କ ଜୀବନ ପ୍ରତି ବିପଦ ରହିଥାଏ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଦାସ କହିଥିଲେ। ଆଗାମୀ ଦିନରେ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସ୍କୁଲଗୁଡିକର ଶିକ୍ଷକମାନଙ୍କ ସହ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ମାଟ୍ରନମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଏହି ଅବସରରେ ଦାସ ସୂଚନା ଦେଇଥିଲେ।

# କେନ୍ଦ୍ର ଶିଳ୍ପ ସଚିବଙ୍କୁ ଦାବିପତ୍ର

## ଦାମନଯୋଡି ଜମିହରା ସଂଘ

କୋରାପୁଟ,୩।୮ (ଅମିତାଭ ବେହେରା)

କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲ୍‌କୋ ଜମିହରା ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଗୁରୁବାର ନୂଆଦିଲ୍ଲୀଠାରେ ସେମାନଙ୍କ ବିଭିନ୍ନ ସମସ୍ୟା ଓ ନିଯୁକ୍ତି ଦାବି ନେଇ ଏକ ଦାବିପତ୍ର କେନ୍ଦ୍ର ଶିଳ୍ପ ସଚିବଙ୍କୁ ପ୍ରଦାନ କରିଥିଲେ। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ଭେଟି ଆଲୋଚନା କରିବା ପରେ ସଂଘର ସୁରଜ ଶ୍ରୀହରିଆ, ଏଚ. ଟାକ୍ରି, ଅଜିତ କୁଲଦୀପ, ବିପିନ ଶ୍ରୀହରିଆ, ସୋମନାଥ ଗୌଡ ପ୍ରମୁଖ କେନ୍ଦ୍ର ଶିଳ୍ପ ସଚିବଙ୍କୁ ଭେଟି ଦାବିପତ୍ର ଦେଇଥିଲେ।



ସଂଘ କର୍ମକର୍ତ୍ତାମାନେ ସଚିବଙ୍କୁ ଦାବିପତ୍ର ଦେଉଛନ୍ତି।

# ପ୍ରଥମ ମ୍ୟାଚ୍‌ରେ ପାୱାର କ୍ଲବ ବିଜୟୀ



ମ୍ୟାଚ ପାଇଁ ଖେଳାଳିଙ୍କ ଅନ୍ୟମାନେ ପଡିଆକୁ ଆସୁଛନ୍ତି।

କୋରାପୁଟ,୩।୮ (ଅମିତାଭ ବେହେରା)

- କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟ
- ଚିନ୍ଦିରି,ଜଗତରାଇ ମଧ୍ୟରେ ମ୍ୟାଚ ଅମିମାଂସିତ

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିୟନ ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଆୟୋଜିତ ପ୍ରଥମ ମ୍ୟାଚରେ ଦାମନଯୋଡିର ପାୱାର କ୍ଲବ ବିଜୟୀ ହୋଇଛି। ପାୱାର କ୍ଲବ ସହ ଗୋପନଗର ଟିମ୍ ମଧ୍ୟରେ ହୋଇଥିବା ମ୍ୟାଚରେ ପାୱାର କ୍ଲବ ୨-୧ ଗୋଲ ବ୍ୟବଧାନରେ ଗୋପନଗରକୁ ପରାସ୍ତ କରିଥିଲା। ଚିନ୍ଦିରି ଓ ଜଗତରାଇ ଟିମ୍ ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚ ଅମିମାଂସିତ ରହିଛି। ମ୍ୟାଚର ଶେଷ ସମୟ ସୁଦ୍ଧା ଉଭୟ ଦଳ କେହି କାହାକୁ ଗୋଲ ଦେଇପାରି ନ ଥିଲେ।

# ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପିଇଓଙ୍କୁ ଦରମା ଦେବାକୁ ଦାବି

ଜୟପୁର,୩।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ(ପିଇଓ ସଂଘ) ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ମନୋଜ ନାୟକଙ୍କୁ ଏହା ପ୍ରଦାନ କରାଯାଇଥିଲା। ଏଥିରେ ଉଲ୍ଲେଖ ରହିଛି ଯେ, ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା ଦେବା, ୧୦ ବର୍ଷ ପୂରଣ କରିଥିବା ପିଇଓଙ୍କୁ ଶତ ପ୍ରତିଶତ ଦରମା, ଡିଜିଡିଓକୁ ପଦୋନ୍ନତି ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ପିଇଓମାନେ ଆସନ୍ତା ୭ରୁ ଧାରଣା ଦେବେ। ପରେ ସମୂହ ଛୁଟିରେ ଯିବେ ବୋଲି କୁହାଯାଇଛି।



ପିଇଓମାନେ ଦାବିପତ୍ର ଦେଉଛନ୍ତି।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ପରିଦର୍ଶନକଲେ ୩ ଜଣିଆ ଟିମ୍

## ଦ୍ୱିତୀୟ କ୍ୟାମ୍ପସ ନେଇ ଚିହ୍ନଟ ଜାଗାର ସମୀକ୍ଷା କଲେ ଜିଲାପାଳ

ଜୟପୁର,୩।୮ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଗୁରୁବାର କ୍ୟାମ୍ପସକୁ ଗୁରୁବାର ଏକ ୩ଜଣିଆ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଭାଇସ ଚେୟାପର୍ସନ ଅଶୋକ ଦାସ, ଏକାଡେମିକ କନ୍‌ସଲଣ୍ଟାଣ୍ଟ ପ୍ରଫେସର ମିହିର ଦାସ ଓ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ଆସିଥିଲେ। ଏହି ଟିମ୍ ସହ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ, ବିଶ୍ୱ ବିଦ୍ୟାଳୟ କୁଳ ସଚିବ ଗୋପାଳ ହାଲ୍‌ଦାର ଉପସ୍ଥିତ ଥିଲେ। କ୍ୟାମ୍ପସର ସମସ୍ତ ବିଭାଗ ସହ କେନ୍ଦ୍ରୀୟ ଗ୍ରନ୍ଥାଗାର, କ୍ଲାସ ରୁମ୍, ପଡିଆ ଆଦି ପରିଦର୍ଶନ କରି ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ଟିମ୍ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର କ'ଣ ସବୁ ରହିବା କଥା, କ'ଣ ଅସୁବିଧା ରହିଛି ତାହା ଦୂର କରିବା ପାଇଁ କୁଳସଚିବ ହାଲଦାରଙ୍କୁ ଟିମ୍ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବିଶ୍ୱବାଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଲାଗି ଟିମ୍ ଜମି ପରିଦର୍ଶନ କରିଥିଲେ। ୬ଟି ସ୍ଥାନରେ ଜମି ଦେଖିବା ପରେ କୋରାପୁଟରେ ଏନେଇ ଏକ ବୈଠକ ହୋଇଥିଲା। କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଅଖତାର ଜୟପୁର ସହରର ଜଗନ୍ନାଥ ସାଗର ନିକଟରେ, ବାରିଣିପୁଟ, ରଣ୍ଡାପାଲି, ଆମ୍ବାଗୁଡା, ଜୟନ୍ତିଗିରିଠାରେ ଦେଖାଯାଇଥିବା ଏହି ଜାଗା ଉପରେ ସମୀକ୍ଷା କରୁଛନ୍ତି। ବିକ୍ରମଦେବ କଲେଜ ବିଶ୍ୱବିଦ୍ୟାଳୟ ଘୋଷଣା ପରେ ଦ୍ୱିତୀୟ କ୍ୟାମ୍ପସ ନେଇ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଦାୟିତ୍ୱ ନେଇଥିବା ଜଣାପଡିଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦେବୀ ପ୍ରସାଦ ମିଶ୍ରଙ୍କୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଭାବେ ରାଜ୍ୟ ସରକାର ନିଯୁକ୍ତି କରିଛନ୍ତି।



ପରିଦର୍ଶନରେ ଆସିଥିବା ଟିମ୍ କୁଳସଚିବ ଗୋପାଳ ହାଲ୍‌ଦାରଙ୍କ ସହ ଆଲୋଚନା କରୁଛନ୍ତି।

## ତ୍ରୁଟି ସଂଶୋଧନ

୨ ତାରିଖରେ ପ୍ରକାଶିତ ସିପିଆଇ (ଏମ୍) ଆବାହକ ହଳଧର ପୂଜାରୀଙ୍କ ସହ ୨ ସହଯୋଗୀ ଗିରଫ ପାଠରେ ହଳଧର ପୂଜାରୀ ସିପିଆଇ(ଏମ୍) ବୋଲି ପ୍ରକାଶ ପାଇଛି। କିନ୍ତୁ ସେ ସିପିଆଇ ରାଜ୍ୟ କର୍ମକର୍ତ୍ତା ଓ ମାଲକାନଗିରି ଜିଲା ଆବାହକ ଅଟନ୍ତି। ଏପରି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଭାଙ୍ଗିଲା ଘର

ପାପଡାହାଣ୍ଡି,୩।୮ (ସ୍ୱପ୍ନଜିତ ପଟ୍ଟନାୟକ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଲୋକଙ୍କ ଘର ଭାଙ୍ଗିଛି। ପାପଡାହାଣ୍ଡି ବ୍ଲକ ସଦର ମହକୁମା ବଙ୍କା ସାହିର ମଣି ପାଇକଙ୍କ ଘର ଭାଙ୍ଗିଯିବାରୁ ପରିବାର ଲୋକେ ଦୟନୀୟ ଅବସ୍ଥାରେ ରହିଛନ୍ତି। ଲଗାଣ ବର୍ଷା ଯୋଗୁ ଘର କାନ୍ଥ ଭୁଶୁଡି ପଡିଥିଲା। ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୀର୍ଘ ବର୍ଷ ହେଲା ପାପଡାହାଣ୍ଡି ବଙ୍କାସାହିରେ ମଣିଙ୍କ ପରିବାର ସ୍ୱାମୀ ଓ ପୁଅଙ୍କୁ ନେଇ ରୁହନ୍ତି। ମଜୁରି କଲେ ପରିବାର ଚଳେ। ଘର ଭାଙ୍ଗି ଯିବାରୁ ଚିନ୍ତାରେ ପଡିଛନ୍ତି ପରିବାର। ପ୍ରଶାସନର କୌଣସି ଅଧିକାରୀ ପହଞ୍ଚି ନାହାନ୍ତି। ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ ନିକଟରେ ଗୁହାରି କଲେ ମଧ କେହି ଶୁଣୁ ନ ଥିବା ସେ କହିଛନ୍ତି। ଶୀଘ୍ର ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ଦେବା ସହ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ

ତେନ୍ତୁଳିଖୁଣ୍ଟି, ୩।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଗ୍ରାମର ଅଜୟ ଶତପଥୀ (୩।୮) ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କରିଥିବା ଥାନାରେ ଅଭିଯୋଗ ହୋଇଛି। ସେ କିନ୍ତୁ ଏବେ ଘରେ ନ ଥିବା ଅଜୟଙ୍କ ପରିବାର ଲୋକେ କହିଛନ୍ତି। ଅଜୟ ଲୋକଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ପରିବାର ଲୋକେ କିନ୍ତୁ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଅଜୟ କିଛି ଦିନ ହେବ ଘରେ ନାହାନ୍ତି ବୋଲି ପରିବାର ଲୋକେ କହିଥିବା ଅଭିଯୋଗକାରୀ କରିଛନ୍ତି। ଅଜୟଙ୍କ ପରିବାର ଲୋକେ ସେ ନିଖୋଜ ଥିବା ନେଇ ଥାନାରେ ଏତଲା ଦେଇଛନ୍ତି କି ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସତ୍ୟନାରାୟଣ ରଥ, ଅନନ୍ତ ରାମ ଦାସ, ସୀମାଞ୍ଚଳ ପାଢ଼ି, ଅବନୀ ମିଶ୍ର, ଶିବରାମ ସାହୁ , ମହେଶ୍ୱର ମହାନ୍ତି, ନିର୍ମଳ ମହାନ୍ତି, ଉମ୍ବରୁଧର ଜେନା, ଦିଲୀପ ପ୍ରଧାନ, ସୁରେଶ ଚନ୍ଦ୍ର ଦାସ, ଲମ୍ବୋଦର କୁମ୍ଭାର, ମାନସ ପାଣିଗ୍ରାହୀ ପ୍ରମୁଖ ଥାନାରେ ଅଭିଯୋକ କରି ଅଜୟଙ୍କ ଗିରଫ ଦାବି କରିଛନ୍ତି। ଅଜୟ ଓ ତାଙ୍କ ପରିବାର ଲୋକଙ୍କ ସମ୍ପତି କୁ ତଦନ୍ତ ପରିସର ଭୁକ୍ତ କରିବାକୁ ଦାବି ହେଉଛି। ଅଜୟଙ୍କ ବାପା ଅବସରପ୍ରାପ୍ତ ପୋଲିସ ଅଧିକାରୀ ହୋଇଥିବାରୁ ତଦନ୍ତରେ ବାଧା ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗକାରୀ କହିଛନ୍ତି। ଏତାଲା ଆଧାରରେ ୬୬/୨୩ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲଇଥିବା ଖାତିଗୁଡା ଥାନାଧିକାରୀ ଦୀପକ କୁମାର ଲେଙ୍କା କହିଛନ୍ତି।

### ଶିକ୍ଷକଙ୍କ ବଦଳି ବାତିଲ ଦାବି

ଡାବୁଗାଁ, ୩।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ବିଦେଶୀ ମହାଙ୍ଗୁଡ଼ଙ୍କୁ ଆକସ୍ମିକ ବଦଳି କରାଯାଇଛି। ତାଙ୍କ ବଦଳି ବାତିଲ ପାଇଁ ଡାବୁଗାଁର ଅଭିଭାବକ ଓ ବରିଷ୍ଠ ନାଗରିକ ସଂଘ ସଭାପତି ନିତ୍ୟାନନ୍ଦ ମହାନ୍ତି, ସମ୍ପାଦକ ମୁରଲୀଧର ଡାକୁଆ, ନବକିଶୋର ଜୟସିଂ, ଗଗନ ବିହାରୀ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ସୂଚନାନୁଯାୟୀ, ୫–ଟି ଯୋଜନା ଅଧୀନ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ମୋଟ ୪୦୦ ଛାତ୍ରୀଛାତ୍ରଙ୍କୁ ଗଣିତ ପଢ଼ାଇବାକୁ ଜଣେ ମାତ୍ର ଶିକ୍ଷକ ଥିଲେ। ଉମରକୋଟ ଉଚ୍ଚ ବିଦ୍ୟାଳୟକୁ ବଦଳିବରେ ଗୁରୁବାର ବିଦେଶୀଙ୍କୁ ରିଲିଭ କରାଯାଇଛି। ଶୁକ୍ରବାରରୁ ଉକ୍ତ ସ୍କୁଲର ପିଲାମାନଙ୍କୁ ଗଣିତ ପଢ଼ି ପାରିବେ ନାହିଁ। ଏହି ବିଦ୍ୟାଳୟରେ ପିସିଏମ୍ ବର୍ଗର କୌଣସି ଶିକ୍ଷକ ନାହାଁନ୍ତି। ଯେଉଁ ବିଦ୍ୟାଳୟକୁ ବଦଳି ହୋଇଛି ସେହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ମୋଟ ୨୦୦ ଜଣ ଛାତ୍ରୀ ଛାତ୍ର ରହିଛନ୍ତି। ତେଣୁ ସୋମବାର ବରିଷ୍ଠ ନାଗରିଗ ସଂଘ ଓ ଅବିଭାବକମାନେ ଜିଲପାଳଙ୍କ ନିକଟରେ ନିବେଦନ କରିବେ ବୋଲି କହିଛନ୍ତି।

# ଶିଶୁଙ୍କ ଭବିଷ୍ୟତ ଗଢ଼ିବାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନୀତି ଆୟୋଗ ସର୍ଭେରେ ନବରଙ୍ଗପୁର ଜିଲା ୮୬ ତମ ସ୍ଥାନରେ ରହିଛି। ଡ଼ିଆଇଇଟି ପ୍ରକୋଷ୍ଠରେ ବୁଧବାର ଆୟୋଜିତ କାର୍ମଶାଳାରେ ଉଦ୍‌ବୋଧନ ଦେଇ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ନବରଙ୍ଗପୁର ଜିଲାରେ ଥିବା ବିଭିନ୍ନ ସମସ୍ୟା ଯଥା ଗରିବୀ, ବେରୋଜଗାରି, ରୋଜଗାର ପାଇଁ ସ୍ଥାନାନ୍ତର, ନିଶାସକ୍ତ, ରଣଭାରରେ ବୁଡିବା, ବାଲ୍ୟ ବିବାହ, ଅପପୁଷ୍ଟି ଓ କୃଷି ଉପରେ ନିର୍ଭର ଆଦି ଅନେକ ସମସ୍ୟାରେ ଛନ୍ଦି ହେଉଛନ୍ତି।

ସେହିପରି ଗ୍ରାମାଞ୍ଚଳ ଅଭିଭାବକମାନେ ନିଜ ଶିଶୁଙ୍କ ପଢା ପ୍ରତି ଦୃଷ୍ଟି ଦେଇପାରୁ ନାହାନ୍ତି ବୋଲି କହିଥିଲେ। ସରକାରୀ ବିଦ୍ୟାଳୟଗୁଡିରେ ଉପସ୍ଥାନ ବୃଦ୍ଧି, ସମୟାନୁସାରେ ପାଠ୍ୟ ଖସଡା ଅନୁଯାୟୀ ଶିକ୍ଷାଦାନ, ଶିକ୍ଷାନୁଷ୍ଠାନରେ ମାନବୃଦ୍ଧି ସହ ଅଭିଭାବକଙ୍କୁ ଶିଶୁ ସୁରକ୍ଷା କମିଟି ମାଧ୍ୟମରେ ଯୋଡିବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁଙ୍କ ପଢା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଶିକ୍ଷକଙ୍କୁ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଏଫଏଲଏନ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଉଛି। ଏଥିରେ ପିରାମଲ ଫାଉଣ୍ଡେଶନ ଏବଂ ଆଙ୍ଗନ ଟ୍ରଷ୍ଟ ପ୍ରଶାସନକୁ ବୈଷୟିକ ସହଯୋଗ କରିବା ସହ ବିଦ୍ୟାଳୟସ୍ତରରେ ସିଆରସି ଏବଂ ଗାନ୍ଧୀ ଫେଲୋଙ୍କ ଜରିଆରେ ପର୍ଯ୍ୟାଲୋଚନ କରୁଥିବା କଥା ଜିଲା ଶିକ୍ଷା ଅଧିକାରୀ କହିଥିଲେ। ଅନାଥ ଶିଶୁଙ୍କ ଥଇଥାନ ପାଇଁ ସରକାରୀ ବ୍ୟବସ୍ଥା, ଶିଶୁ ଶ୍ରମିକ ଉଚ୍ଛେଦ, ସିସିଆଇ, ଶର୍ଟ ଷ୍ଟେ ହୋମ୍, ଶିଶୁଙ୍କ ଶିକ୍ଷା ଅଧିକାର ଆଦି ବିଷୟରେ ଶିକ୍ଷକମାନେ କିପରି ସହଯୋଗ କରିପାରିବେ ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଥିଲେ। ଶିଶୁଙ୍କ କଲ୍ୟାଣ ଜଡ଼ିତ ନିୟମାବଳୀ, ସହାୟତା ପାଇଁ ୧୦୯୮ –ନିଶୁଳ୍କ ଫୋନ ବ୍ୟବସ୍ଥା, ଖିଲାପକାରୀଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ଆଦି ବିଷୟରେ ଶିଶୁ କଲ୍ୟାଣ ସମିତି ଚେୟାରପର୍ଶନ ଅଜନ୍ତା ଶୁଭଦର୍ଶନୀ ବୁଝାଇଥିଲେ ।

ଶିଶୁ ସୁରକ୍ଷା କମିଟି ମାଧ୍ୟମରେ ଆମର ଶିଶୁ ଆମ ଦାୟିତ୍ୱ ଅଭିଯାନ କିପରି ସଫଳ ରୂପାୟନ ହୋଇପାରିବ ଏବଂ ସମସ୍ତ ତଥ୍ୟ ଭାଗ ନେଇଥିବା ବିଦ୍ୟାଳୟଗୁଡିକୁ ପ୍ରଦାନ କରାଯିବ। ଗ୍ରାମରେ ଅଭିଭାବକ, ସାମାଜିକ କର୍ମୀ, ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନେଇ କିପରି ବୈଠକ କରାଯିବ ଓ ଶିକ୍ଷକଙ୍କ ଭୂମିକା ଆଦି କାର୍ଯ୍ୟାବଳୀକୁ ଆଙ୍ଗନ ଟ୍ରଷ୍ଟର ଅଙ୍କିତ ମେକବନ, ବରୁଣ ଓଟାରି, ସର୍ବେଶ୍ୱର ସାହୁ, ପିରାମଲ ଫାଉଣ୍ଡେଶନର ଗୋମତି ଶଙ୍କର କୃଷ୍ଣାନ, ସୁଦେଷ୍ଣା ମୁଖାର୍ଜୀ, ଉଦିତ ପ୍ରକାଶ, ଦେବବ୍ରତ ଆଚାର୍ଯ୍ୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରଜ, ଶିଶୁ ମଙ୍ଗଳ କମିଟି ସଦସ୍ୟ ସନ୍ତୋଷ କୁମାର ଷଡଙ୍ଗୀ, ଏଲଏସ୍‌ସି(ଡିପିଓ)ସନ୍ତୋଷ କୁମାର ଦାଶ, ଡିଏସ୍‌ସି ଶିଶିର କୁମାର ପଣ୍ଡା ଓ ବାଳିକା ସଂଯୋଜିକା ମମତା କୁମାରୀ ପରିଛା ପ୍ରମୁଖ ଆଲୋଚନା କରିଥିଲେ। କର୍ମଶାଳାରେ ନବରଙ୍ଗପୁର ୧୦ ବ୍ଲକରୁ ୧୦୦ ପ୍ରଧାନ ଶିକ୍ଷକ, ୩୦ ସିଆରସି, ୧୦ ପିରାମଲ ଫାଉଣ୍ଡେଶନ କର୍ମୀ, ୩ଜଣ ଆଙ୍ଗନ ଟ୍ରଷ୍ଟ ଅଧିକାରୀ ଯୋଗ ଦେଇଥିଲେ।

# ମଧୁବାବୁ ପେନ୍‌ସନ୍ ଯୋଜନା ଲାଗି ଦରଖାସ୍ତ ଗ୍ରହଣ

ମାଲକାନଗିରି,୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଚଲାଣଗୁଡା ଓ ତଣ୍ଡିକି ପଞ୍ଚାୟତ ସଦର ମହକୁମାରେ ପୃଥକ୍ ଭାବେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଦରଖାସ୍ତ ଗ୍ରହଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଲାଣଗୁଡା ପଞ୍ଚାୟତରେ ବିଧବା ଭତ୍ତା ପାଇଁ ୯୧, ବାର୍ଦ୍ଧକ୍ୟ ଭତ୍ତା ପାଇଁ ୮୭, ଭିନ୍ନକ୍ଷମ ଭତ୍ତା ପାଇଁ ୧୮, ଅବିବାହିତ ଭତ୍ତା ପାଇଁ ୮, ସ୍ୱାମୀ ପରିତ୍ୟକ୍ତା ୭, ଏଚ୍‌ଆଇଭି ପ୍ଲସ୍ ୩ ଲାଗି ଆବେଦନ କରିଥିବା ବେଳେ ସେଥିରୁ ୧୪ଟି ଦରଖାସ୍ତ ଅଗ୍ରାହ୍ୟ ହୋଇଯାଇଥିଲା। ସେହିପରି ତଣ୍ଡିକି ପଞ୍ଚାୟତରେ ଆୟୋଜିତ ଶିବିରରେ ବିଧବା ଭତ୍ତା ପାଇଁ ୧୦୯, ବାର୍ଦ୍ଧକ୍ୟ ୩୭, ଭିନ୍ନକ୍ଷମ ଜଣେ, ଅବିବାହିତ ଭତ୍ତା ଲାଗି ୧୦ଜଣ ଦରଖାସ୍ତ କରିଥିଲେ। ଏମାନଙ୍କୁ ତୁରନ୍ତ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସରକାରଙ୍କ ନିୟମାନୁଯାୟୀ ମାସିକ ଭତ୍ତା ପ୍ରଦାନ କରାଯିବ ବୋଲି ଚଲାଣଗୁଡା ସରପଞ୍ଚ ଅରକ୍ଷିତ ନାୟକ, ତଣ୍ଡିକି ସରପଞ୍ଚ ବାବୁଲା ପଡିଆମି, ଚଲାଣଗୁଡା ସମିତିସଭ୍ୟ ଆନନ୍ଦ ମାଲାକାର, ତଣ୍ଡିକି ସମିତିସଭ୍ୟ ଆଇତା ମାଡ଼କାମି, ଚଲାଣଗୁଡା ନିର୍ବାହୀ ଅଧିକାରୀ ଦୟାନିଧି ନିମାଲ, ତଣ୍ଡିକି ନିର୍ବାହୀ ଅଧିକାରୀ ହରିବନ୍ଧୁ ଭଜପୁରି, ଜିଆରଏସ୍ ବାବୁଲା ପଡିଆମି, ପଙ୍କଜ କୁମାର ମିସ୍ତ୍ରି ପ୍ରମୁଖ ଆବେଦନକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ।


ଦରଖାସ୍ତ କରିବାକୁ ଆସିଥିବା ହିତାଧିକାରୀ ।

# ଆନ୍ଧ୍ର ଜିଦ ଆଗରେ ମୁଣ୍ଡ ନୁଆଁଇଲା ଜିଲା ପ୍ରଶାସନ

ନନ୍ଦପୁର/ଲମତାପୁଟ ୩।୮
(ଶଙ୍କର ପୂଜାରୀ/ଭକ୍ତରାମ ବାଙ୍କିଆ)

■ ଜଲାପୁଟ ଡ୍ୟାମରୁ ଘୁଞ୍ଚିଲା ଫଳକ
■ ବିଧାୟକଙ୍କ ଗସ୍ତ,ନିର୍ଦ୍ଦେଶ କାମ ଦେଲାନି
■ ପୋଲ ଆରପଟେ ଓଡ଼ିଶା ପ୍ରବେଶ ପଥରେ ଲାଗିଲା

ଘୁଞ୍ଚିଲା ଜଲାପୁଟ ଡ୍ୟାମ ନିକଟରୁ ଫଳକ। ଆନ୍ଧ୍ର କର୍ତ୍ତୃପକ୍ଷଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଲେ ଓଡ଼ିଶା ପ୍ରଶାସନିକ ଅଧିକାରୀ। କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ ନନ୍ଦପୁର ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ଫଳକଟିକୁ ଡ୍ୟାମ ପୋଲ ଆରପଟକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ବିଧାୟକ ଜଲାପୁଟ ଫଳକ ଉପୁଡ଼ା ସ୍ଥଳକୁ ଗସ୍ତ କରି ଫଳକ ଯଥାସ୍ଥାନରେ ରହିବ ବୋଲି ଦେଇଥିବା ମନ୍ତବ୍ୟ ଏହି ଘଟଣା ପରେ ଫିକା ପଡିଛି।

ଜଲାପୁଟ ଡ୍ୟାମ ନିକଟ ଆନ୍ଧ୍ର ପ୍ରବେଶ ପଥରେ ଓଡ଼ିଶା ସରକାର ତଥା କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶନାମା ଅନୁସାରେ ଲାଗିଥିବା ଫଳକଟି ଦେଖିବା ସହ ସ୍ଥିତି ପରଖିବାକୁ ସକାଳେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ ଯାଇ ପ୍ରୋଜେକ୍ଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଡ୍ୟାମର ସୁରକ୍ଷା ନିମିତ୍ତ ଫଳକର ଆବଶ୍ୟକତା ରହିଛି ବୋଲି କହି ଫଳକଟି ଉକ୍ତ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦେଇ ଆସିଥିଲେ। ମାତ୍ର ଅପରାହ୍ନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ବିଧାୟକ ଘଟଣା ସ୍ଥଳରୁ ଫେରିବା ମାତ୍ରେ ନନ୍ଦପୁର ବିଡିଓ ସୁଜିତ ମିଶ୍ର ଓ ତହସିଲଦାର ନରସିଂହ ଗାଦବା ଘଟଣାସ୍ଥଳରେ ପହଞ୍ଚି ଫଳକଟିକୁ ସ୍ଥାନାନ୍ତର କରିଥିଲେ। ପୂର୍ବ ସ୍ଥାନ ଆନ୍ଧ୍ର ପ୍ରବେଶ ପଥରୁ ଉପାଡି ଆଣି ପୋଲ ଆରପଟେ ଓଡ଼ିଶା ପ୍ରବେଶ ପଥରେ ଲଗାଇଛନ୍ତି। କୋରାପୁଟ ଜିଲାପାଳ ଓ ଆନ୍ଧ୍ର ଜିଲାପାଳଙ୍କ ମଧ୍ୟରେ ଫୋନ ଯୋଗେ ଆଲୋଚନା ପରେ କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ ଏଭଳି ଫଳକ ସ୍ଥାନାନ୍ତର କରାଯାଇଥିବା ଉପସ୍ଥିତ ଦୁଇ ଅଧିକାରୀ ବିଡିଓ ଓ ତହସିଲଦାର କହିଛନ୍ତି। ତେବେ ଏହାକୁ ସାଧାରଣରେ ସମାଲୋଚନା କରାଯାଇଛି। ସକାଳର ନିର୍ଦ୍ଦେଶ ଅପରାହ୍ନକୁ ବଦଳି ଯାଉଥିବା ଦେଖି ଅଞ୍ଚଳବାସୀ ଚକିତ ହୋଇଛନ୍ତି। ବିଧାୟକ ପାଢ଼ୀ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ବିଧାନସଭାରେ ଏନେଇ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି।


ପୂର୍ବ ସ୍ଥାନ ଆନ୍ଧ୍ରପ୍ରବେଶ ପଥରୁ ଉପାଡି ଆଣି ପୋଲ ଆରପଟେ ଓଡ଼ିଶା ପ୍ରବେଶ ପଥରେ ଲଗାଇବାକୁ ନିଆଯାଉଥିବା ଫଳକ।

## ପଡ଼ିଆରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ପଡ଼ିଆ,୩।୮
(ଭାସ୍କର ରାଓ)



ପଡ଼ିଆ ଥାନାରେ ନୂତନ ଅଧିକାରୀ ଭାବେ ଦୀନବନ୍ଧୁ ଶବର ଗୁରୁବାର ଯୋଗ ଦେଇଛନ୍ତି। ପୂର୍ବରୁ ଥାନା ଅଧିକାରୀଭାବେ ଅଶୋକ କୁମାର ବିଶୋଇ ଦାୟିତ୍ୱରେ ଥିଲେ। ଶବର ଲୋକଙ୍କୁ ତ୍ୱରିତ୍ ନ୍ୟାୟ ଦେବା ସହ ପୂର୍ବରୁ ପଡି ରହିଥିବା ମାମଲାର ସମାଧାନ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ଉରୁବାଲ୍ଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଏମ୍‌ଭି–୭୯,୩।୮ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଉରୁବାଲ୍ଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଧକ୍ଷ ଗିରିଜା କିନ୍ନକାର ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ରାବା ଶିତି, ୱାର୍ଡ ମେମ୍ବର ରାଜେଶ ସାଲବମ, ସିଆରସିସି ଦିଲ୍ଲୀପ ଦୁର୍କା ଏବଂ ଏସ୍‌ଏମ୍‌ସି କମିଟି କର୍ମକର୍ତ୍ତା, ଶିକ୍ଷକ ଏବଂ ଅଧାପିକା ଓ ଅଧାପକ ଯୋଗଦେଇ ଯୁକ୍ତ ୨ କଳା ପାଠ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଧକ୍ଷ ବେହେରା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ଆସନ୍ତା ୧୪ ତାରିଖ ମଧ୍ୟରେ ସମସ୍ତେ ୟୁନିଫର୍ମ ପରିଧାନ କରି ଆସିବାକୁ ସୂଚନା ଦେଇଥିଲେ।



# ସାପ କାମୁଡ଼ାରେ ମହିଳା ମୃତ

କାଲିମେଳା,୩।୮ (ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଭେଜାଙ୍ଗୀୱାର୍ଡା ପଞ୍ଚାୟତ ପରଲୁଗୁଡା ଗ୍ରାମର ଜଣେ ୫୦ ବର୍ଷୀୟ ମହିଳାଙ୍କୁ ଏକ ବିଷଧର ସାପ କାମୁଡି ଦେବାରୁ ଚିକିତ୍ସାଧୀନ ଅବସ୍ଥାରେ ମାଲକାନଗିରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପାରଲୁଗୁଡା ଗ୍ରାମର ବୁଟୁକି ହନ୍ତାଳ।

ପ୍ରକାଶ ଯେ, ବୁଟୁକି ବୁଧବାର ରାତିରେ ଘରେ ଶୋଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ରାତି ପ୍ରାୟ ୧୨ ଟାରେ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେତେବେଳକୁ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା।

## ନିଖୋଜ ବାଳିକା ବିଷୟରେ

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବତୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ–ରାଧା ମଲ୍ଲିକ
ବୟସ–୨ ବର୍ଷ ୬ ମାସ
ଉଚ୍ଚତା–ତିନି ଫୁଟ
ରଙ୍ଗ– ଶ୍ୟାମଳ
ପୋଷାକ– ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

# ଶ୍ରେଣୀଗୃହ ଅଭାବ, ଗୋଟିଏ ଘରେ ପଢୁଛନ୍ତି ପିଲା

## ଟନେଲକ୍ୟାମ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଚିତ୍ରକୋଣ୍ଡା, ୩।୮ (କ୍ଷୀରୋଦ ବେହେରା )

ମାଲକାନାଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଟନେଲକ୍ୟାମ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଯେଉଁ ଶ୍ରେଣୀଗୃହରେ ପିଲାଙ୍କ ପାଠପଢା ଚାଲିଛି ଏବେ ସେଇ କୋଠରି ଅବସ୍ଥା ଶୋଚନୀୟ ହୋଇ ପଡିଛି। ଛାତରୁ ପାଣି ଗଳୁ ଥିବା ବେଳେ କାନ୍ଥଗୁଡ଼ିକରେ ଉଇ ହୁଙ୍କା ହେଲାଣି। ଶ୍ରେଣୀ ଗୃହ ନ ଥିବାରୁ ପାଞ୍ଚଟି ଶ୍ରେଣୀର ପିଲାଙ୍କୁ ଗୋଟାଏ ଗୃହରେ ପଢା ଯାଉଛି। ଶ୍ରେଣୀ କୋଠରି ଭିତରେ ମଧ୍ୟାହ୍ନ ଭୋଜନ ଚାଉଳ, ହଣ୍ଡା ଡ଼େକଚି ଓ ଖେଳ ସାମଗ୍ରୀ ଇତ୍ୟାଦି ଭର୍ତ୍ତି ହୋଇ ରହିଛି। ଶ୍ରେଣୀ ଗୃହରେ ଜାଗା ଅଭାବରୁ କିଏ ଚାଉଳ ବସ୍ତା ଉପରେ ବସୁଛି ଆଉ କିଏ ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି। ୪୨ ଛାତ୍ରୀଛାତ୍ରଙ୍କୁ ଜଣେ ମାତ୍ର ଶିକ୍ଷୟିତ୍ରୀ ରହିଛନ୍ତି। ଏ ସମ୍ପର୍କରେ ଦୀର୍ଘ ଦିନ ଧରି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ସୁଧା କୌଣସି ସୁଫଳ ମିଳିନାହିଁ। ଶିକ୍ଷୟିତ୍ରୀ ଶକୁନ୍ତଳା ମାଝି ବିଇଓ ଏବଂ ଡିପିସିଙ୍କୁ ଏ ନେଇ ଜଣାଇଛନ୍ତି, କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଛାତ୍ରୀ ନନ୍ଦିନୀ ଖିଲ କହିଛନ୍ତି, ଜଙ୍ଗଲ ଭିତରେ ୨ କିଲୋମିଟର ଗଲେ ବିଦ୍ୟାଳୟ ପଡ଼େ। ଗଲାବେଳେ ଜନ୍ତୁ ଭୟ ମଧ ରହୁଛି । ଜିଲା ପ୍ରଶାସନ ବିଦ୍ୟାଳୟ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାକୁ ଟନେଲକ୍ୟାମ୍ପ ଗ୍ରାମବାସୀ ଦାବି କରିଛନ୍ତି ।


ବସ୍ତା ଉପରେ ବସି ପଢୁଛନ୍ତି ପିଲା ।

# ହୁକୁମତୋଳାରେ ପାନୀୟ ଜଳ ସମସ୍ୟା

ମୁନିଗୁଡ଼ା, ୩।୮ (ରାଧେଶ୍ୟାମ ଅଗ୍ରୱାଲ)

■ ଜଳ ଯୋଗାଣ ପ୍ରକଳ୍ପ ଅଚଳ
■ ପ୍ରତିଶ୍ରୁତିରେ ସୀମିତ ଜଳଯୋଗାଣ

ମୁନିଗୁଡ଼ା ଥାନା ଅନ୍ତର୍ଗତ କୁତ୍ରାଗଡ ପଞ୍ଚାୟତର ହୁକୁମତୋଳା ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଥିବାରୁ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ହୁକୁମତୋଳା ଗ୍ରାମବାସୀ ଖରାଦିନେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଳୟ ନାୟକଙ୍କୁ ଅବଗତ କରିଥିଲେ। ସେ ସମୟରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତ ଅଧିକାରୀ ନାୟକ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଗ୍ରାମବାସୀ ପାନୀୟ ଜଳ ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ବାଧ୍ୟ ହୋଇ ନଦୀ ନାଳର ଦୂଷିତ ପାଣି ବ୍ୟବହାର କରୁଥିବା କହିଛନ୍ତି। ଦୂଷିତ ଜଳ ବ୍ୟବହାର କାରଣରୁ ଲୋକେ କାମଳ ରୋଗ, ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି।


ଅଚଳ ହୋଇପଡ଼ିଥିବା ପାନୀୟ ଜଳ ପ୍ରକଳ୍ପ।

ସୂଚନା ଅନୁଯାୟୀ, ୨୦୧୪ ମସିହାରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ୭୪.୦୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୁକୁମତୋଳା ଗ୍ରାମରେ ଏକ ବୃହତ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହି ଜଳଯୋଗାଣ ଟାଙ୍କିର ଜଳ ଧାରଣ କ୍ଷମତା ୭୦ ହଜାର ଲିଟର ଧାର୍ଯ୍ୟ କରାଯାଇ ପ୍ରକଳ୍ପ ହୋଇଥିଲା।ହେଲେ ଏହି ପ୍ରକଳ୍ପ ଗ୍ରାମକୁ ଆବଶ୍ୟକ ହେଉଥିବା ପାନୀୟ ଜଳ ସମ୍ପୂର୍ଣ୍ଣ ମେଣ୍ଟାଇ ପାରି ନ ଥିଲା। ପରେ ବିଭାଗୀୟ ଅଧିକାରୀ ଗ୍ରାମରେ ଜଳର ଆବଶ୍ୟକତା ଓ ଗ୍ରାମବାସୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଆଉ ଏକ ଭୂତଳ ଗଭୀର ବୋରିଂ କରି ଏହି ଟାଙ୍କିକୁ ସଂଯୋଗ କରି ଜଳ ଯୋଗାଣ ଚାଲୁ ରଖିଥିଲେ। ହେଲେ ଗତ ଗ୍ରୀଷ୍ମଋତୁରେ ପୁଣି ସେହି ସମସ୍ୟା ଦେଖାଦେଲା। ଅଧା ବାଟରେ ଅଟକି ଗଲା ପାନୀୟ ଜଳର ସ୍ରୋତ। ଅଧା ଗାଁ ପାଣି ପାଉଥିବାବେଳେ ଅଧା ଗାଆଁ ଦୂଷିତ ଜଳରେ ଆବଶ୍ୟକତା ମେଣ୍ଟାଇବାକୁ ବାଧ ହେଉଛନ୍ତି। ଏ ନେଇ ଗ୍ରାମବାସୀ ପଞ୍ଚାୟତ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ବି କୌଣସି ସୁଫଳ ମିଳିପାରୁ ନାହିଁ। ଶେଷରେ ଗ୍ରାମବାସୀ ବିଷମକଟକ ବ୍ଲକ ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିଲେ ମଧ ସେ ଉପସ୍ଥିତ ନ ଥିବାରୁ ଫେରି ଆସିଛନ୍ତି। ହୁକୁମତୋଳା ଗ୍ରାମକୁ ତୁରନ୍ତ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବା ପାଇଁ ଉକ୍ତ ଗ୍ରାମର ବୁଦ୍ଧୁ କୁଶୁଲିଆ, ସୀମାଞ୍ଚଳ ଗରଡ଼ିଆ, ଧନୁ କୁଶୁଲିଆ, ହରିଶ୍ଚନ୍ଦ୍ର କୁସୁଲିୟା, ଦେବେନ୍ଦ୍ର ଟାକ୍ରି, ଭରତ ବାଗ, ଶିବ କୁଶୁଲିଆ, ତିରୁପତି ଲାକଜି, ମାଳତୀ କାଡ୍ରାକା ପ୍ରମୁଖ ଦାବି କରିଛନ୍ତି।

**ଭାରତ ସରକାର / भारत सरकार**
**ଆୟୁଷ ମନ୍ତ୍ରଣାଳୟ / आयुष मंत्रालय**

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **http://awards.gov.in**ରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।
cbc 17201/11/0006/2324

**OFFICE OF THE**
**ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0034/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-1526** OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.3840/RE/OSIC** **Dt.02.08.2023**
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0045/2324

# ମାତିଛନ୍ତି ଦଲାଲ, ଜୀବିତ ଶ୍ରମିକଙ୍କୁ ମୃତ ଦର୍ଶାଇ ଟଙ୍କା ହଡ଼ପ ଉଦ୍ୟମ

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)

ଲୋକଙ୍କ ନିରାକ୍ଷରତାର ଫାଇଦା ଉଠାଉଛନ୍ତି ଦଲାଲ। ଏହାଦ୍ୱାରା ସରକାରୀ ଯୋଜନା କଳୁଷିତ ହେଉଛି। ଏହିଭଳି କେତେକ ଘଟଣା ନବରଙ୍ଗପୁର ବ୍ଲକ ବିକ୍ରମପୁର ପଞ୍ଚାୟତର ଡଙ୍ଗରିଗୁଡା, ଦେଓଳା, ଚଟାହାଣ୍ଡି ପଞ୍ଚାୟତର ସୁଗ୍ରୀଗୁଡ଼ା(ଦେଓଦରା, ଟିକରଗୁଡା ଏବଂ ବସିନୀ ଗାଁ ରେ ଘଟିଛି। ଶ୍ରମ ବିଭାଗରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିଲେ ୨ ଲକ୍ଷ ୫ ହଜାର ଟଙ୍କା ବୀମା ରାଶୀ ସରକାର ପ୍ରଦାନ କରୁଛନ୍ତି। ଦଲାଲମାନେ ହିତାଧିକାରୀଙ୍କ ସରଳତା, ନିରକ୍ଷରତା ଓ ସଚେତନତାର ଅଭାବର ଫାଇଦା ଉଠାଉ ଜୀବିତ ଶ୍ରମିକଙ୍କୁ ମୃତ ଦେଖାଇ ଟଙ୍କା ହଡ଼ପ ଉଦ୍ୟମ କରୁଛନ୍ତି। ଏହାପରେ ଚଟାହାଣ୍ଡି ସରପଞ୍ଚ ଚଞ୍ଚଳା ସାନ୍ତା ନବରଙ୍ଗପୁର ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିବା ସହ ସହାୟତା ରାଶି ପ୍ରଦାନ ପୂର୍ବରୁ ଲୋକ ପ୍ରତିନିଧିଙ୍କୁ କାହିଁକି ଜଣା ଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି।

ଡଙ୍ଗରୀଗୁଡା, ଦେଓଳା, ଶୁଗ୍ରୀ ଗୁଡା (ଦେଓଦରା), ଟିକରଗୁଡା ଏବଂ ବସିନୀ ଗାଁର ୮ଜଣ ଜୀବିତ ନିର୍ମାଣ ଶ୍ରମିକଙ୍କ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ୨ଲକ୍ଷ୫ହଜାର ଟଙ୍କା ଲେଖାଏ ହଡ଼ପ କରିବାକୁ ଦଲାଲ ଯୋଜନା କରିଥିଲେ। ଶ୍ରମିକଙ୍କୁ ୫୦ହଜାର ଟଙ୍କାର ଋଣ କରାଇଦେବା ଆଶା ଦେଖାଇ ଥିଲେ। ଉକ୍ତ ଟଙ୍କାରୁ ଦଲାଲ ୧୦ ହଜାର ରଖି ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଦେବେ ବୋଲି କହିବା ସହ ଋଣ ଟଙ୍କା ଶୁଝିବାକୁ ପଡ଼ିବ ନାହିଁ ବୋଲି ଜଣାଇଥିଲେ। ଏହାପରେ ଡ଼ଙ୍ଗାରିଗୁଡା ଗାଁର ଖାଗପତି ପାଇକଙ୍କଠାରୁ ଦଲାଲ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ଲେବରକାର୍ଡ ଓ ଫଟୋଆଦି ନେଇଥିଲେ। ଏହାପରେ ସେ ସବୁ ନେଇ ମୃତ୍ୟୁକାଳୀନ ସହାୟତା ରାଶୀ ପାଇଁ ଦଲାଲ ଆବେଦନ କରିଥିଲେ। ଶ୍ରମ ବିଭାଗ ମଧ ସହାୟତା ରାଶିକୁ ମଞ୍ଜୁର କରିଦେଇଥିଲା। ଜାନୁୟାରୀ ୨ରେ ଖଗପତିଙ୍କ ମୃତ୍ୟୁ ହୋଇଥିବା ନେଇ ପ୍ରମାଣପତ୍ର ଓ ଫେବୃଆରୀ ୫ରେ ଭାନୁମତୀଙ୍କ ନାମରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦଲାଲ ତିଆରିକଲେ। ଯାହାର କ୍ରମିକ ନମ୍ବର ୦୦୦୧୮୯ ରହିଛି । ତାହା ନକଲି ବୋଲି ଜଣା ପଡିଛି। ଉତ୍ତରାଧିକାରୀ ପ୍ରମାଣପତ୍ରରେ ପାପଡ଼ାହାଣ୍ଡିର ପୂର୍ବତନ ତହସିଲଦାର ପ୍ରେମଲଲ ହିଆଲଙ୍କ ଦସ୍ତଖତ ରହିଛି।


ଖାଗପତି ପାଇକ ଓ ସ୍ତ୍ରୀ ଭାନୁମତି।

ସେ ଦୁଇବର୍ଷ ହେବ ଜିଲାରୁ ବଦଳି ହୋଇ ସାରିଛନ୍ତି। ତଦନ୍ତରୁ ଏହା ଜଣା ପଡ଼ିଛି। ଦେଉଳା ଗାଁ ଦେବ ଗୌଡ଼ ରାୟଗଡ଼ାକୁ ଦାଦନ ଖଟିବାକୁ ଯାଇଥିବାବେଳେ ୨୦୨୩ ଜାନୁଆରୀ ୧ରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପ୍ରମାଣପତ୍ର ତିଆରି ହୋଇଛି। ସୁଗ୍ରୀଗୁଡ଼ା ଗାଁର ଲାଖିନାଥ ଜାନୀ ଙ୍କ ସ୍ତ୍ରୀ ଦଇମତିଙ୍କ ୨୦୨୩ ଫେବୃଆରୀ ୫ରେ ଓ ଡାଳିମ୍ବ ମାଝିଙ୍କ ଜାନୁଆରୀ ୧୦ରେ ମୃତ୍ୟୁ ହୋଇଥିବା ପ୍ରମାଣପତ୍ର ତିଆରି ହୋଇଛି। ଡାଳିମ୍ବଙ୍କ ସ୍ୱାମୀ କମଳ ଲୋଚନ ଓ ପୁଅ ଲୋକେଶଙ୍କ ନାଁରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦଲାଲ ତିଆରି କରି ଦାଖଲ କରିଛନ୍ତି। ଟିକରାଗୁଡ଼ା ଗାଁର ତ୍ରିଲୋଚନ ଜାନୀଙ୍କ ୧ ଜାନୁୟାରୀ ୨୦୨୨ରେ ମୃତ୍ୟୁ ହୋଇଛି। କିନ୍ତୁ ୨୦୨୨ ଡିସେମ୍ବର ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପ୍ରମାଣପତ୍ର ଦାଖଲ ହୋଇଛି। ବାପା ମହେଶ୍ୱରଙ୍କ ନାଁରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ ହୋଇଛି। ଡଙ୍ଗରୀଗୁଡା ଗାଁର ଭାସ୍କର ପୂଜାରୀ, ଦଶମୁ ତନ୍ତୀ, ଦେଉଳା ଗ୍ରାମର ବଳଦେବ ଭତ୍ରା, ବାସନୀ ଗାଁର ସେବତୀ ଭତ୍ରା, ଡାଳିମ୍ବ ଚାଲାଣ ଓ ଦେଓଦୋରାର ଗାଁର ଡାଳିମ୍ବ ମାଝିଙ୍କ ନାମ ମଧ ମୃତ୍ୟୁକାଳୀନ ସହାୟତା ପାଇଁ ଆବେଦନ ହୋଇଛି।

ନବରଙ୍ଗପୁର ମଣ୍ଡଳଶ୍ରମ ଆୟୁକ୍ତ କୁବେର ବେହେରାଙ୍କୁ ପଚାରିବାରୁ ଘଟଣାରେ ସତ୍ୟତା ଥିବା ସ୍ୱୀକାର କରିବା ସହ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ସ୍ଥଗିତ ରଖାଯାଇଛି। ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପଞ୍ଜିକୃତ ଶ୍ରମିକଙ୍କ ମୃତ୍ୟୁ ପରେ ଅନଲାଇନରେ ଆବେଦନ କରିହେବ। ଏହା କଲ୍ୟାଣ ସମନ୍ୱୟ ଅଧିକାରୀଙ୍କ ନିକଟକୁ ଆସିବା ପରେ ଆଧାର, ଭୋଟ ପରିଚୟ ପତ୍ର, ଶ୍ରମିକ କାର୍ଡ, ମୃତ୍ୟୁ, ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନର ଅଛିକି ନାହିଁ ସେ ଯାଞ୍ଚ କରିବେ। ଏହାପରେ ସେ ଜିଲା ଶ୍ରମ ଅଧିକାରୀଙ୍କୁ ପଠାଇ ଦେବେ। ଜିଲାଶ୍ରମ ଅଧିକାରୀ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଜରିଆରେ, ହିତାଧିକାରୀଙ୍କ ଘରକୁ ଯାଇ, ଟେଲିଫୋନ ମାଧ୍ୟମରେ ଓ କର୍ମଚାରୀଙ୍କୁ ପଠାଇ ସତ୍ୟତା ଯାଞ୍ଚ କରିବାପରେ ଆବେଦନରେ ସତ୍ୟତା ଥିଲେ ଜିଲାପାଳଙ୍କୁ ଅନୁମୋଦନ ପାଇଁ ପଠାଇବେ। ଅନୁମୋଦନ ପରେ ସହାୟତା ମିଳିବ। ତେବେ ଏସବୁ ତଦନ୍ତ ନହୋଇ ଜିଲାପାଳଙ୍କ ନିକଟକୁ ପଠାଇଦିଆଗଲା। ଜିଲା ଶ୍ରମ ଅଧିକାରୀ ଛୁଟିରେ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

## ସଂକ୍ଷେପରେ

### ଶ୍ୱଶୁର ଘର ବାରଣ୍ଡାରେ ପଡ଼ି ଯବାନଙ୍କ ମୃତ୍ୟୁ

ପାପଡାହାଣ୍ଡି, ୩।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶ୍ୱଶୁର ଘର ବାରଣ୍ଡାରେ ଜମିଥିବା ପାଣିରେ ଗୋଡ ଖସିଯିବାରୁ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟସ୍ଥିତ ୭ମ ବାଟାଲିୟନରେ କାର୍ଯ୍ୟରତ ଯବାନ ଉଗ୍ରେ ବାଣୁଆ। ସୂଚନା ଅନୁଯାୟୀ, ଲଗାଣ ବର୍ଷା ଯୋଗୁଁ ଶ୍ୱଶୁର ରାଜେନ୍ଦ୍ର ଭତରାଙ୍କ ବାରଣ୍ଡାରେ ପାଣି ଜମିଥିବାବେଳେ ସେହି ପାଣିରେ ଯବାନଙ୍କ ଗୋଡ଼ ଖସି ଯିବାରୁ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପାପଡାହାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଖବର କୋରାପୁଟସ୍ଥିତ ୭ମ ବାଟାଲିୟନର କମାଣ୍ଡାଣ୍ଟ ମନୋରଞ୍ଜନ ବିଶ୍ୱାଳ ପାଇଲା ପରେ ତୁରନ୍ତ ଅତିରିକ୍ତ କମାଣ୍ଡାଣ୍ଟ ସୁନ୍ଦର ସିଂ କହରଙ୍କୁ ମୃତ ଯବାନଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ୪୫ ହଜାର ଟଙ୍କା ଏବଂ ଅନ୍ତେଷ୍ଟିକ୍ରିୟା ପାଇଁ ୨୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

### ଅଫିସ ଛାଡ଼ି ପଳାଇଲା ଛତିଶଗଡ଼ କମ୍ପାନୀ

ରାଇଘର, ୩।୮ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘରରେ କିଛିଦିନ ହେବ ଛତିଶଗଡ଼ର ଏକ କମ୍ପାନୀ ସ୍ଥାନୀୟ ଯୁବତୀଯୁବକଙ୍କୁ ଚାକିରି ଯୋଗାଇବା ଉଦ୍ଦେଶ୍ୟରେ ନାମ ପଞ୍ଜିକରଣ କରି ଟଙ୍କା ନେଉଥିବା ଖବର ପ୍ରକାଶ ପାଇବା ପରେ ଗୁରୁବାର ରାଇଘର ଭାରପ୍ରାପ୍ତ ତହସିଲଦାର ଯୋଗୁ ପୁଜାରୀ ଘଟଣାସ୍ଥଳକୁ ତଦନ୍ତ ପାଇଁ ଯାଇଥିଲେ। କିନ୍ତୁ ସେଠାରେ କୌଣସି କମ୍ପାନୀ ଲୋକ ନ ଥିଲେ। ସେମାନେ ସେଠାରୁ ପଳାଇ ଯାଇଥିଲେ। ପାଖ ପୋଡ଼ଶୀ ତାଙ୍କୁ ଦେଖି ନ ଥିବା ତହସିଲଦାର କହିଛନ୍ତି। ପ୍ରକାଶ ଯେ, ରାଇଘର ସଦର ମହକୁମାସ୍ଥିତ ଡିଏନ୍‌କେଠାରେ ଏକ ଭଡ଼ା ଘରେ କିଛି ଦିନ ହେବ କେତେଜଣ ଯୁବତୀ ଯୁବକ ରହି ଆସୁଥିଲେ। ସେମାନେ ସ୍ଥାନୀୟ ପିଲାଙ୍କୁ ଚାକିରୀ ଦେବାକୁ କହି ତାଙ୍କ ପଞ୍ଜିକରଣ କରି ୩୯୦୦ ଟଙ୍କା ଲେଖାଏ ନେଇଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଖବରଦାତାଙ୍କୁ ଜଣାଇଥିଲେ। ସେମାନେ ସେଠାରେ ପହଞ୍ଚି ଉପସ୍ଥିତ ଯୁବତୀଯୁବକଙ୍କୁ କମ୍ପାନୀ ସମ୍ପର୍କରେ ପଚାରିଥିଲେ। ସେମାନେ ବିଶେଷ କିଛି କହି ପାରି ନ ଥିଲେ।

# ଏକମ୍ବା ବୁଢ଼ାରଜା ମନ୍ଦିର ବିକାଶ କାର୍ଯ୍ୟ ତଦାରଖ



ନନ୍ଦାହାଣ୍ଡି, ୩।୮ (ପ୍ରତୀପ ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଏକମ୍ବା ଗ୍ରାମର ବୁଢ଼ା ଭୈରବଙ୍କ ଉନ୍ନତିକରଣ ପାଇଁ ୫-ଟି ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟ କିଭଳି ଭାବରେ ଚାଲିଛି ତାହାର ଅନୁଧ୍ୟାନ କରିବା ପାଇଁ ନବରଙ୍ଗପୁର ଜିଲାପାଳ ଡଃ କମଳ ଲୋଚନ ମିଶ୍ର ଏକମ୍ବା ଗ୍ରାମ ଗସ୍ତ କରିଥିଲେ। ମନ୍ଦିର କମିଟି ଏବଂ ଏକମ୍ବା ଗ୍ରାମବାସୀ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ୨୮୦ ପାହାଚ ଚଢ଼ି ମନ୍ଦିରକୁ ଯାଇ ବୁଢା ଭୈରବଙ୍କ ଦର୍ଶନ କରିବା ସହ ଉନ୍ନତିକରଣ କାର୍ଯ୍ୟ କିଭଳି ଚାଲିଛି ତାହାର ଅନୁଧ୍ୟାନ କରିଥିଲେ। ମନ୍ଦିରରେ ଥିବା ଅନ୍ୟ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଆଇଟିଡିଏ ଯନ୍ତ୍ରୀ ସରୋଜ ପଟ୍ଟନାୟକଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଅନ୍ୟ କର୍ମଚାରୀ, ଗ୍ରାମବାସୀ ଏବଂ ବୁଢ଼ାରଜା ମନ୍ଦିର କମିଟିସଦସ୍ୟମାନେ ଉପସ୍ଥିତ ଥିଲେ।

# କୃଷି ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

- ନକଲି ସାର ବିକ୍ରି ଘଟଣା
- ବ୍ୟବସାୟୀଙ୍କୁ ଗିରଫ, କ୍ଷତିପୂରଣ ଦାବି

ଉମରକୋଟ, ୩।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୋପେନା ଗ୍ରାମରେ ନକଲି ଡିଏପି ସାର ବିକ୍ରୀ ଘଟଣା ତଦନ୍ତ କରିବାକୁ ଅତିରିକ୍ତ କୃଷି ଅଧିକାର ଅଜୟ କର, ସହକାରୀ ବ୍ଲକ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ା, କୃଷି ଓଭରସିୟର ସୁନନ୍ଦା ପଣ୍ଡା, ଅତିରିକ୍ତ ତହସିଲଦାର ଉମେଶ ପୁଜାରୀ ଓ ପୋଲିସ ଅଧିକାରୀ ଘଟଣାସ୍ଥଳକୁ ଯାଇଥିଲେ। ଅଧିକାରୀଙ୍କୁ ଦେଖି ଉତ୍ୟକ୍ତ ଚାଷୀ ସେମାନଙ୍କୁ ଘେରି ନକଲି ସାର ବ୍ୟବସାୟୀ ସୁଦେଇ ମାଳିଙ୍କୁ ଗିରଫ ଓ କ୍ଷତିପୂରଣ ଦାବି କରିଥିଲେ। କୃଷି ଅଧିକାରୀଙ୍କୁ ୨ କିଲୋମିଟର ଜମି ହିଡ଼ ରାସ୍ତାରେ ଚଲାଇ ଚଲାଇ ଫସଲ ନଷ୍ଟ ହେଇଥିବା ଜମି ବୁଲାଇ ଦେଖାଇଥିଲେ। ଆଉଥରେ ସାର ପକାଇ ଦିଅ ଗଛ ବଢିଯିବ ବୋଲି କୃଷି ଅଧିକାରୀ କହିଥିବା ଚାଷୀ ପ୍ରକାଶ କରିଛନ୍ତି। କୃଷି ବିଭାଗର ଅପାରଗତା ଓ ଦୁର୍ନୀତି ପଦାକୁ ଆସିଯିବା ଭୟରେ ଘଟଣା ଚପାଇବାକୁ ଚେଷ୍ଟା କରାଯାଉଛି ବୋଲି ଚାଷୀ ମଧୁ ଗୌଡ଼, ଟୁନା ବାବୁ, ତୁଲାରାମ ସାନ୍ତା, ଚନ୍ଦ୍ରନ ସାନ୍ତା, ଜଗନ୍ନାଥ ସାନ୍ତା, ରମେଶ ସାନ୍ତା, କୃଷ୍ଣ ସାନ୍ତା, ରୁବେନ ସାନ୍ତା, ମଙ୍ଗଳ ଗୌଡ଼ ଓ ଧରମ ଭତ୍ରା କହିଛନ୍ତି। କୃଷି ବିଭାଗ ନ୍ୟାୟ ନ ଦେଲେ କୃଷକ ସଂଗଠନର ସହାୟତା ନେଇ ରାସ୍ତାରୋକ କରିବା ସହ କୃଷି ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କୃଷି ଅଧିକାରୀ ନକଲି ସାରର ସାମ୍ପୁଲ ସଂଗ୍ରହ କରିଛନ୍ତି। ସାର ନମୂନାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ଓ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ା କହିଛନ୍ତି। କ୍ଷତିଗ୍ରସ୍ତ ସହିଥିବା ଚାଷୀମାନେ କୋପେନା ଗ୍ରାମର ବ୍ୟବସାୟୀ ସୁଦେଇ ମାଳିଙ୍କ ବିରୋଧରେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।


ଚାଷୀମାନେ ଅଧିକାରୀଙ୍କୁ କ୍ଷତି ହୋଇଥିବା ଫସଲ ଦେଖାଉଛନ୍ତି।

# ବାଇକ୍ ଧକ୍କାରେ ଯବାନ ଗୁରୁତର

ନନ୍ଦପୁର, ୩।୮ (ଶଙ୍କର ପୂଜାରୀ)

ସନ୍ଧ୍ୟା ଭ୍ରମଣରେ ଯାଇ ଫେରୁଥିବା ସମୟରେ ନନ୍ଦପୁର ଥାନାରେ କାର୍ଯ୍ୟରତ ଆଇଆରବି ଯବାନଙ୍କ ପଛରୁ ଏକ ବାଇକ ଧକ୍କା ଦେଇଛି। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟ ପରେ ଅଧିକ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ବାଇକ ସମେତ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଥିବା ଏସଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଖବରରୁ ଜଣାପଡିଛି, ଆଇଆରବି ଯବାନ ଜନାର୍ଦ୍ଦନ ମହାନ୍ତି ଅନ୍ୟ ସାଥୀଙ୍କ ସହ ଗୁରୁବାର ସନ୍ଧ୍ୟା ଭ୍ରମଣରେ ଯାଇ ଫେରୁଥିବା ସମୟରେ ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ (ଓଆର୨୪ ଏ ୩୭୪୯) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ପୋଲିସ ବାଇକ୍ ଚାଳକ ଦେବେନ୍ଦ୍ର ଖରାଙ୍କୁ ଅଟକ ରଖି ପଚରାଉଚରା କରୁଛି।



# ୧୭ରୁ କଲମଛାଡ଼ ଆନ୍ଦୋଳନ ଚେତାବନୀ



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

## ବିଡିଓଙ୍କୁ ନିଖିଳ ଉତ୍କଳ ନିର୍ବାହୀ ଅଧିକାରୀଙ୍କ ଦାବିପତ୍ର

ରାଇଘର, ୩।୮ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ କାର୍ଯ୍ୟରତ ନିଖିଳ ଉତ୍କଳ ନିର୍ବାହୀ ଅଧିକାରୀ ବିଡିଓ ଲକ୍ଷ୍ମୀସାଗର ମାଝିଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରିବା, ୧୦ ବର୍ଷ ପୂରଣ କରିଥିବା ନିର୍ବାହୀ ଅଧିକାରୀଙ୍କୁ ସ୍ୱତନ୍ତ୍ର ପଦବୀକୁ ପଦୋନ୍ନତି, ପଞ୍ଚାୟତ କାର୍ଡ ରୁଲ୍‌ରେ ଅନ୍ତର୍ଭୁକ୍ତ ଏବଂ ଆର୍‌ଏସ୍‌ପି ପାଉଥିବା ନିର୍ବାହୀ ଅଧିକାରୀଙ୍କୁ ପେନ୍‌ସନ ବ୍ୟବସ୍ଥା ଲେଭେଲ ୯୩୫୪୦୦ ରୁଲ୍ ଅନୁଯାୟୀ ପ୍ରଦାନ କରିବାକୁ ଦାବି ହୋଇଛି। ଅଗଷ୍ଟ ୧୭ ସୁଦ୍ଧା ଏହାର କୌଣସି ସମାଧାନ ନ ହେଲେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ଅଛି। ଏହି ଅବସରରେ ରାଇଘର ବ୍ଲକରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ଅଜିତ କୁମାର ନନ୍ଦ, ସୁରେନ୍ଦ୍ର ଭତ୍ରା, ଶ୍ରୀଧର ଭତ୍ରା, ବାଲସିଂ ଗଣ୍ଡ, ଶିବପ୍ରସାଦ ସୁବୁଦ୍ଧି, କମଲ ସିଂ ରାଜପୁତ, ପ୍ରୀତିରଞ୍ଜନ ଦେ, ଭୋଳା ସିଂ ଗଣ୍ଡ, କୃଷ୍ଣଚନ୍ଦ୍ର ଦୁରିଆ, ଜିତେନ୍ଦ୍ର କୁମାର ପଣ୍ଡା, ଅନାଥ ତରକଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ନନ୍ଦାହାଣ୍ଡି, ୩।୮ (ପ୍ରତୀପ ଦାଶ)

ଲଗାଣ ବର୍ଷାରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତର ବାଦୀଗୁଡା ଗ୍ରାମ ହରିଜନ ସାହିର ହରି ହରିଜନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସ୍ତ୍ରୀ ମଦୀ ହରିଜନ ଓ ଦୁଇ ପୁଅ ଙ୍କୁ ନେଇ ପରିବାର। କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି ହରି। ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବାରୁ ସ୍ତ୍ରୀ ପିଲାଙ୍କୁ ନେଇ କେମିତି ଚଳିବେ ସେ ଚିନ୍ତା ହରିଙ୍କୁ ଘାରିଛି। ଆବାସ ଘର ଖଣ୍ଡେ ପାଇଁ ବାରମ୍ବାର ପ୍ରଶାସନକୁ ଗୁହାରୀ କରିଥିଲେ ମଧ କେହି ଗୁରୁତ୍ୱ ଦେଉ ନ ଥିବା ହରି କହିଛନ୍ତି। ଆଗକୁ ବର୍ଷା ବଢିବାର ଆଶଙ୍କା ଥିବାରୁ ଚିନ୍ତାରେ ହରି ଓ ତାଙ୍କ ପରିବାର। ଏବେ ମୋ ଘର ଯୋଜନାରେ ଆବେଦନ କରିଛି, ମିଳିଗଲେ ଉପକୃତ ହେବି ବୋଲି ହରି କହିଛନ୍ତି। ଘର ଖଣ୍ଡେ ଯୋଗାଇ ଦେବାକୁ ହରି ଓ ତାଙ୍କ ପରିବାର ଲୋକେ ଅନୁରୋଧ କରିଛନ୍ତି। ଘର ଭାଙ୍ଗିବା ଖବର ପାଇ ରାଜସ୍ୱ ନିରୀକ୍ଷକଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି ଏବଂ ରିପୋର୍ଟ ମିଳିବା ପରେ ସରକାରୀ ଯୋଜନା ହିସାବରେ ସହାୟତା ଦିଆଯିବ ବୋଲି ନନ୍ଦାହାଣ୍ଡି ତହସିଲଦାର ଡ ବନମାଳୀ ମେହେର ସୂଚନା ଦେଇଛନ୍ତି।


ଭାଙ୍ଗି ଯାଇଥିବା ଘର ।

# ଥାନାର ଦ୍ୱାରସ୍ଥ ହେଲେ ଏସ୍‌ଏଚ୍‌ଜି ମହିଳା

ଉମରକୋଟ, ୩।୮ (ସନ୍ତୋଷ ଶତପଥୀ)

ଏସ୍‌ଏଚ୍‌ଜି ମହିଳାମାନେ ୨ଦିନ ତଳେ ଦେଢ଼ ଏକର ଜମିରେ ଲଗାଇଥିବା ଜମିକୁ ଉପାଡି ଦିଆଯାଇଥିବା ନେଇ ଗ୍ରାମବାସୀ ଗୁରୁବାର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବନ ବିଭାଗ ଓ ପୋଲିସ ମିଳିତଭାବେ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା କହିଛନ୍ତି। ବାଣୁଆଗୁଡା ଗ୍ରାମ ନିକଟରେ ଥିବା ଦେଢ଼ ଏକର ସରକାରୀ ଜମି ୧୦୦ ବର୍ଷ ହେଲା ଗ୍ରାମବାସୀଙ୍କ ଅଧୀନରେ ଅଛି। ଅଗଷ୍ଟ ୧ରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବନାଞ୍ଚଳ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାୟ ୨୫୦୦ କିଷମର ଚାରା ସ୍ଥାନୀୟ ମା ମହୁଲି, ମା ପେଣ୍ଡ୍ରାଣି ଗୋଷ୍ଠୀର ମହିଳାମାନେ ଲଗାଇଥିଲେ। କିନ୍ତୁ ଡଙ୍ଗରୀଗୁଡ଼ା ଗ୍ରାମର କୃଷ୍ଣ ଭତ୍ରା ଓ ବିଷ୍ଣୁ ଭତ୍ରା ଗଛ ଉପାଡିଦେବା ସହ ଜମିର ସୁରକ୍ଷା ପାଇଁ ଦିଆଯାଇଥିବା ତାର ବାଡ଼ ଭାଙ୍ଗି ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।



# ମଉଳିଯାଉଛି ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି ଆଶା

ନବରଙ୍ଗପୁର, ୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ପ୍ରାଥମିକ ଶିକ୍ଷକ ବର୍ଗୀକରଣ ଓ ପଦୋନ୍ନତି ଅନିଶ୍ଚିତତା ଭିତରେ ରହିଛି। ମେ ୩୧ରେ ପଦୋନ୍ନତି ତାଲିକା ପ୍ରକାଶ କରାଯିବାକୁ ସରକାରଙ୍କ ନିଷ୍ପତ୍ତି ରହିଥିଲା। ଜିଲା ଶିକ୍ଷା ବିଭାଗର ଅବହେଳା ଓ ନିର୍ଭୁଲ୍ ତାଲିକା ପ୍ରସ୍ତୁତରେ ବିଳମ୍ବ ଯୋଗୁ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ହକ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ତାଲିକା ଦାଖଲ ପରେ ମଧ ଅନୁମୋଦନ ହୋଇପାରି ନ ଥିବା ଖବର ମିଳିଛି। ନିର୍ଦ୍ଦେଶକ ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀଙ୍କୁ ୩୧ ତାରିଖ ପତ୍ର ସଂଖ୍ୟା ୬୮୫୫ ମାଧ୍ୟମରେ ଜଣାଇଛନ୍ତି ଯେ ୨୦୧୧ ଫେବୃୟାରୀ ୧୧ ପରେ ସ୍ନାତକ ପାସ୍ କରିଥିବା ଶିକ୍ଷକଙ୍କ ପାଇଁ ଓଟିଇଟି ବାଧ୍ୟତାମୂଳକ ରହିଛି। ସେହି କ୍ରମରେ ପଦୋନ୍ନତି ତାଲିକାରେ ସ୍ଥାନିତ ହେବାକଥା। ଏହି ଚିଠିକୁ ଆଧାର କଲେ ନବରଙ୍ଗପୁର ଜିଲାରେ ବ୍ୟତିକ୍ରମ ଦେଖାଦେଇଛି।

ପ୍ରାଥମିକ ଶିକ୍ଷକଙ୍କ ବର୍ଗୀକରଣ ଓ ପଦୋନ୍ନତିକୁ ନେଇ ନବରଙ୍ଗପୁର ଜିଲା ମିଳିତ ପ୍ରାଥମିକ ବିଏଡ୍ ଶିକ୍ଷକ ସଂଘ ଜୁଲାଇ ୪ରେ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ଭେଟିଥିଲେ। ୧୫ ସୁଦ୍ଧା ପଦୋନ୍ନତି ନ ହେଲେ ୧୭ ତାରିଖରେ ଡିଇଓ କାର୍ଯ୍ୟାଳୟ ଘେରାଉ ଚେତାବନୀ ଦିଆଯାଇଥିଲା। କିନ୍ତୁ ଏବେ ଯାଏ ତାହା ହୋଇପାରିଲା ନାହିଁ। ନିଜର ଅଧିକାର ପାଇବାରେ ବିଳମ୍ବ ଯୋଗୁ ଅନ୍ୟ ସୁବିଧା ସୁଯୋଗରୁ ମଧ ବଞ୍ଚିତ ହେବାକୁ ପଡୁଛି ବୋଲି ଶିକ୍ଷକମାନେ କହୁଛନ୍ତି। ପଦୋନ୍ନତି ଆଶା ମଉଳିଯାଇଛି ବୋଲି ଚଳିତ ମାସରେ ଅବସର ନେବାପରେ କେତେଜଣ ଶିକ୍ଷକ କହିଛନ୍ତି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ପଦୋନ୍ନତି ଓ ବର୍ଗୀକରଣ ଦାୟିତ୍ୱରେ ଅଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଠାରୁ ୧୦ଟିରୁ ଅଧିକ ସ୍ପଷ୍ଟୀକରଣ ପତ୍ର ସଂଖ୍ୟା ମେ ୬ରେ ଚିଠି ସଂଖ୍ୟା ୧୦୬୮୬ ମାଧ୍ୟମରେ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରାଯାଇଥିଲେ ମଧ ନବରଙ୍ଗପୁର ଜିଲାରେ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ହୋଇଥିଲା। ବିଭିନ୍ନ ଜିଲାରେ ବର୍ଗୀକରଣ ଓ ପଦୋନ୍ନତି ପ୍ରକ୍ରିୟା ସରିଥିବାବେଳେ ନବରଙ୍ଗପୁର ଜିଲାରେ କାହିଁକି ହୋଇପାରୁନାହିଁ ତାହା ବଡ଼ ପ୍ରଶ୍ନବାଚୀ। ଶିକ୍ଷୟତ୍ରୀ ଶିକ୍ଷକ ଓଟିଇଟି, ସିଟି, ବିଏଡ୍ ପାସ୍ କରିଥିବା ଓ ଜଏନ ହୋଇଥିବା ସମସ୍ତ ତଥ୍ୟ ଜିଲା ଶିକ୍ଷା ବିଭାଗ ନିକଟରେ ରହିଛି। ତେବେ ପଦୋନ୍ନତି ପାଇଁ ବିଳମ୍ବ କାହିଁକି ହେଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ନିକଟରେ ଯେଉଁ ତଥ୍ୟ ଉପସ୍ଥାପନ କରାଯାଇଛି ତାହା ପୁଣି ଅନୁମୋଦନ ନ ହୋଇ ଫେରି ଆସିଲେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁଣି ଜିଲା ଶିକ୍ଷା ଅଧିକାରୀଙ୍କୁ ଘେରିବେ ବୋଲି ଚେତାବନୀ ଦେଇଛନ୍ତି।

# ୬ବର୍ଷ ହେବ ମିଳୁଛି ଆବାସ ପ୍ରତିଶ୍ରୁତି, ଏଣେ ବର୍ଷାରେ ଭାଙ୍ଗିଗଲା ଘର

ତେନ୍ତୁଲିଖୁଣ୍ଟି, ୩।୮ (ଚିଦାନନ୍ଦ ସାହୁ)

କେନ୍ଦ୍ର ଓ ରାଜ୍ୟ ଗରିବ ବାସହୀନଙ୍କୁ ନିଜ ଯୋଜନାରେ ଘର ଦେଉଛନ୍ତି ବୋଲି ଡିଣ୍ଡିମ ପିଟିବାରେ ହେଳା କରୁନାହାନ୍ତି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ଶଶୀ ପ୍ରଧାନୀ, ପଦ୍ମା ପ୍ରଧାନୀ, ସୁଲୋଚନା ଖରା, ଦିନା ହରିଜନ ଭଳି ଲୋକଙ୍କୁ ଘର ମିଳିନାହିଁ। ସେମାନଙ୍କୁ ଆବସଗୃହ କାର୍ଯ୍ୟାଦେଶ ବଦଳରେ କେବଳ ପ୍ରତିଶ୍ରୁତି ମିଳୁଛି।

ଗୋପୀ ପ୍ରଧାନୀଙ୍କ ବିଧବା ସ୍ତ୍ରୀ ଶଶୀ ପ୍ରଧାନୀ ନିଜର ୪ ସନ୍ତାନଙ୍କ ସହ ପରଜାବାରଙ୍ଗପଦର ପଞ୍ଚାୟତ ଖାଟିଗୁଡ଼ାରେ ରୁହନ୍ତି। ୨୦୨୨ରେ ସ୍ୱାମୀଙ୍କ ମୃତ୍ୟୁ ପରେ ଝୁପୁଡ଼ି ଘରେ ରହୁଥିଲେ। କୁଲି କାମ କରି ଜୀବନ ବିତାଉଥିବାବେଳେ ଏବେ ବର୍ଷା ଦାଉ ସାଧୁଛି। ଲଗାଣ ବର୍ଷାରେ ତାଙ୍କ ଖଟିମାଟି ଘର ଭୁଶୁଡ଼ିଯାଇଛି। ଆବାସ ଘର ମିଳିବ ବୋଲି ୬ବର୍ଷ ହେବ ଶୁଣାଯାଉଥିବା ଶଶୀ କହିଛନ୍ତି। ଥରକୁଥର ବିଭିନ୍ନ କାଗଜପତ୍ର ୱାର୍ଡସଭ୍ୟଙ୍କଠାରୁ ଆରମ୍ଭକରି ପଞ୍ଚାୟତ କର୍ମଚାରୀ ସଂଗ୍ରହ କରିଛନ୍ତି। ଗ୍ରାମ ରୋଜଗାର ସେବକ ଆସି ଜିଓ ଟେକ୍ ମଧ ନେଇଛନ୍ତି। ଜିଓ ଟେକ୍ ପରେ ଆବାସ ଘର ନିଶ୍ଚିତ ମିଳିବ ଶଶୀ ଭାବିଥିଲେ। କିନ୍ତୁ ଜୁନ ମାସରେ ଲୋକଙ୍କୁ ମିଳିଥିବା ଆବାସ ଗୃହ କାର୍ଯ୍ୟାଦେଶରେ ଶଶୀ କିମ୍ବା ତାଙ୍କ ଶାଶୁ ପଦ୍ମାର ନାମ ନଥିଲା। ଗୋପୀଙ୍କ ମୃତ୍ୟୁ ପରେ ପ୍ରାଥମିକତା ଭିତ୍ତିରେ ଆବାସ ଗୃହ ଦିଆଯିବ ବୋଲି ଲୋକ ପ୍ରତିନିଧି ଶଶୀଙ୍କୁ କହିଥିଲେ ମଧ ଏଯାଏ ତାହା ହୋଇପାରିଲା ନାହିଁ। ଶଶୀ ପ୍ରଧାନୀଙ୍କୁ କୌଣସି ଯୋଜନାରେ ଘର ଖଣ୍ଡିଏ ଦେଇ ତାଙ୍କ ଉପରୁ ବୋଝ ସାମାନ୍ୟ ହାଲକା କରିବାକୁ ଦାବି ହୋଇଛି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ମୋ ଯୋଗଦାନ ପୂର୍ବରୁ ଆବାସ ହିତାଧିକାରୀ ଚୟନ ହୋଇ ସାରିଥିଲେ। ତଥାପି ଶଶୀଙ୍କ ଭଳି ହିତାଧିକାରୀଙ୍କ ପାଇଁ କ'ଣ କରାଯାଇପାରିବ ଉପରିସ୍ତ ଅଧିକାରୀଙ୍କ ସହ କଥାବାର୍ତ୍ତା କରି ପଦକ୍ଷେପ ନେବି ବୋଲି କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକଙ୍କୁ ଶଶୀଙ୍କ ପରିବାର ପାଇଁ କ'ଣ ସୁବିଧା କରାଯାଇପାରିବ ବୋଲି ପଚାରିବାରୁ ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନେବି ବୋଲି କହିଛନ୍ତି।


ଭଙ୍ଗାଘର ଆଗରେ ପିଲାଙ୍କ ସହ ଶଶୀ।

